## ଜନଜାତି ଆୟୋଗ ସଦସ୍ୟଙ୍କ ଅଭିଯୋଗ ଶୁଣାଣି

**ନାରଦପୁର/ଚମ୍ପୁଆ,୧୩।୧(ସମିସ):** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଞ୍ଚାୟତରେ ଜାତୀୟ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାଏକଙ୍କ ଦ୍ୱାରା ଅଭିଯୋଗ ଶୁଣାଣି କରାଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜଗନ୍ନାଥପୁର ଓ ବଳଭଦ୍ରପୁର ଗାଁରେ ସଂପୂର୍ଣ୍ଣ ଭାବେ ବାଦ ପଡିଥିବା ଗ୍ରାମବାସୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଝୁମ୍ପୁରା ଏବିଡିଓ, ଜିତୁ ରଞ୍ଜନ ଜେନା, ନାରଦପୁର ସରପଞ୍ଚ ହେମନ୍ତୀ ମୁଦି, ନାଏବ ସରପଞ୍ଚ ଚନ୍ଦନ ବୋଇପାଇ, ସମିତିସଭ୍ୟ ଅଯୋଧ୍ୟା ନାଏକ, ଭତ୍ତା ବିଭାଗ ସଙ୍ଗିତା ସାହୁ, ରାସନ କାର୍ଡ ବିଭାଗର କୁସୁମିତା ବାରିକ, ଏମ୍‌ଜିଏନ୍‌ଆର୍‌ଜିଏସ୍ ରସିକ ଲାଲ ମହାନ୍ତ, ନାରଦପୁର ଜିଆର୍‌ସ ପ୍ରୀତିରେଖା ଘଣ୍ଟିଆଳି, ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡା, ଆରଡବ୍ଲୁଏସ ସୁରେନ୍ଦ୍ର ମୋହନ ମହାନ୍ତ, ସ୍ୱାସ୍ଥ୍ୟ ବିଭାଗର ରାଜେଶ ପ୍ରସାଦ ସାହୁ, କୃଷି ବିଭାଗର ବଳରାମ ମାଝୀ, ଗୁମୁରା ରାଜସ୍ୱ ନିରୀକ୍ଷକ ରାଜେସ କୁମାର ମହାନ୍ତ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ନାରଦପୁର ଶାଖା ପରିଚାଳକ ସୌମ୍ୟ ପ୍ରକାଶ ନାୟକ, ଫରେଷ୍ଟର କୁନ୍ତଳା ମହାନ୍ତଙ୍କ ସମେତ ବହୁ ଗ୍ରାମବାସୀ ମାନେ ଉପସ୍ଥିତ ରହିଥିଲେ। ସେହିପରି ଚମ୍ପୁଆସ୍ଥିତ ରାମଲା ଠାରେ ଏସ୍‌ଟି କମିଶନ ସଦସ୍ୟ ଅନନ୍ତ ନାଏକଙ୍କ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀମାନଙ୍କର ସାମଗ୍ରିକ ବିକାଶ ଲକ୍ଷରେ ଅନୁଷ୍ଠିତ ଏହି ଜନଶୁଣାଣିରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ଶୁଣାଣି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ସିଏମ୍‌ଏମ ଅନନ୍ତ ଚରଣ ସାହୁ, ସହକାରୀ ଯନ୍ତ୍ରୀ ସୁଧାକର ଦାସ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଭାଗ ସତ୍ୟବାନ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

## କାଞ୍ଜିପାଣି ପୁଲିସର ଜୋରଦାର ଚଢ଼ଉ

**ତେଲକୋଇ,୧୩।୧(ସମିସ):** କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ପୁଲିସ ପକ୍ଷରୁ ଚଳିତ ମାସରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଜୋରଦାର ଚଢ଼ଉ ଜାରି ରହିଛି। ଏହି ଚଢ଼ଉରେ କାଞ୍ଜିପାଣି ଥାନା ଅଧିକାରୀ ଲବ ବୋଡ଼ାଙ୍କ ନେତୃତ୍ୱରେ କରାଯାଉଥିବା ବେଳେ ଚଳିତ ସପ୍ତାହରେ ୨୪ଟି ମହୁଲି ମଦ କେସ ହୋଇଥିବା ବେଳେ ଗାଡ଼ି ବେଆଇନ ପାର୍କିଂ ଓ ସିଟ ବେଲଟ ପାଇଁ ମୋଟ ୫୧ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ସେହିପରି ଏହି ଚଢ଼ଉ ନିର୍ବାଚନକୁ ଆଖି ଆଗରେ ରଖି ଆଗକୁ ଜାରି ରହିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଅକ୍ଷତ ଓ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମ

**ହାଟଡିହି, ୧୩।୧(ସମିସ):** ହାଟଡିହି ବ୍ଲକ ବଞ୍ଚୋ ପଞ୍ଚାୟତ ସିଂଡୋବ ଗ୍ରାମରେ ଅଯୋଧ୍ୟାରେପ୍ରଭୁ ରାମଲାଲାଙ୍କ ମନ୍ଦିର ଓ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ନିମନ୍ତେ ଗ୍ରାମରେ ଅକ୍ଷତ ଓ ନିମନ୍ତ୍ରଣ ପତ୍ର ସହ ଶ୍ରୀ ରାମଙ୍କ ଫଟୋ ବଣ୍ଟନ କରାଯାଇଥିଲା। ଏଥିରେ ଆନନ୍ଦପୁର ବିଜେପି ନେତା ଆଲୋକ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତସିଂହାର, ମହିଳା ମୋର୍ଚ୍ଚା କୋଷାଧ୍ୟକ୍ଷ ଦୀପ୍ତି ଖୁଣ୍ଟିଆ, ବରିଷ୍ଠ ନେତା ରାମଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ରାଉତ, ସୁଭାଦ୍ରୀ ବଳିଆର ସିଂ, ସୁରେନ୍ଦ୍ର ସାହୁ, ଶକ୍ତିକେନ୍ଦ୍ର ପ୍ରମୁଖ ସୁରେନ୍ଦ୍ର ବିଶ୍ୱାଳଙ୍କ ପ୍ରମୁଖ ଭଜନ କୀର୍ତ୍ତନରେ ଗ୍ରାମ ପରିକ୍ରମାରେ ଯୋଗଦେଇଥିଲେ।

## ଶିକ୍ଷା ସଚେତନତା ଶୋଭାଯାତ୍ରା

**ହାଟଡିହି, ୧୩।୧(ସମିସ):** ହାଟଡିହି ବ୍ଲକ ଢେଙ୍କା ଗ୍ରାମପଞ୍ଚାୟତରେ ଆଶ୍ୱାୟାର ଦ୍ୱାରା ବ୍ଲକସ୍ତରୀୟ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଶିକ୍ଷା ସଚେତନତା ଶୋଭାଯାତ୍ରା ଏବଂ ଯୁବ ସମ୍ମିଳନୀ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଶ୍ୱାୟାର ସଂଯୋଜକ ଦୁଷ୍ମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ସମନ୍ୱିତ ଶିଶୁ ବିକାଶ ସଂଯୋଜକ ଜୀବନଜ୍ୟୋତି ରାଉତ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ମୁଖ୍ୟବକ୍ତା ଭାବେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ନିର୍ଦ୍ଦେଶକ ତଥା ସମାଜସେବୀ ଉଦୟନାଥ କର, ସମ୍ମାନିତ ଅତିଥି ଭାବେ ଢେଙ୍କା ଗ୍ରାମପଞ୍ଚାୟତର ସରପଞ୍ଚ ସୁବାସିନୀ ସେଠୀ, ଆଶ୍ୱାୟାର ହାଟଡିହି ବ୍ଲକ ସଂଯୋଜକ କୃପାସିନ୍ଧୁ ସିଂ, ଆଶ୍ୱାୟାର ହାଟଡିହି ବ୍ଲକ ବିଦ୍ୟାଳୟ ପରିଚାଳନା କମିଟି ସଂଯୋଜକ ଧିରେନ୍ଦ୍ର ନାଥ ଖଟୁଆ ଯୋଗଦେଇଥିଲେ। ଶେଷରେ ସତ୍ୟବ୍ରତ ଜେନା ଉପସ୍ଥିତ ସମସ୍ତ ଅତିଥି ଏବଂ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୁମିତ ଶୁଭାଶିଷ ପାତ୍ର, ଅମ୍ଳାନ କୁମାର ଜେନା, ଦଶରଥ ମାଝୀ, ବିପିନି କୁଅଁର, ଯୁବରାଜ ଖଜୁରିଆ, ଆଦିତ୍ୟ ରଞ୍ଜନ ପଟ୍ଟନାୟକ, ପ୍ରିୟଦର୍ଶନୀ ପରିଡା, ମଧୁସ୍ମିତା ବାରିକ, ସାପ୍ରିୟା ମାଝୀ, ଅରବିନ୍ଦ ସାହୁଙ୍କ ସମେତ ସମସ୍ତ ଜିପିସିଏମ୍ ଏବଂ ଏଲ୍‌ଇପି ଶିକ୍ଷକ ଓ ସ୍ୱେଚ୍ଛାସେବୀ ସଭାଟିକୁ ସଫଳ କରିବା ନିମନ୍ତେ ପୂର୍ଣ୍ଣ ସହଯୋଗ କରିଥିଲେ।

## ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ

**ହାଟଡ଼ିହି, ୧୩।୧(ସମିସ):** ହାଟଡିହି ବ୍ଲକ ସୋସ ପଞ୍ଚାୟତର ସୋସୋ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ସୋସୋ ଯଜ୍ଞ ମଣ୍ଡପ ପ୍ରାଙ୍ଗଣରେ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ମୋହନ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସୋସୋ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ନାହାକ, ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ମୁଖ୍ୟବକ୍ତା ପ୍ରାକ୍ତନ ବିଇଓ ଚତୁର୍ଭୁଜ ପହି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶଙ୍ଖାଳୀ ଚରଣ ରାଉଳ, ପ୍ରଫୁଲ୍ଲ କୁମାର ଜେନା, ବସନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିବେନନ୍ଦଙ୍କ ଜୀବନୀଶୈଳୀ ଉପରେ ଅତିଥିମାନେ ମତବ୍ୟକ୍ତ କରିବା ସହିତ ତାଙ୍କ ଜୀବନୀ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ପରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଯୁବକ ସଂଘର ସଭାପତି ଶ୍ରୀମନ୍ତ କୁମାର ରାଉତଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ ଓ ପରିଚାଳନା କରିଥିଲେ।

## ଝଲସିବ ବୌଦ୍ଧ ତନ୍ତ୍ର ପୀଠ

# ମକର ମେଳା ପାଇଁ ଶିଆଡ଼ିମାଳିଆ ଚଳଚଞ୍ଚଳ

**ଆନନ୍ଦପୁର,୧୩।୧(ସମିସ)**

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରୁ ୭ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ମିଳିବା ପରେ ମା' ଧନେଶ୍ୱରୀ ବୌଦ୍ଧ ତନ୍ତ୍ର ପୀଠର ରୂପାନ୍ତରିଣ କାର୍ଯ୍ୟ ଦ୍ୱରିତ ଗତିରେ ଚାଲିଛି। ଫଳରେ ଆନନ୍ଦପୁରର ଐତିହାସିକ ଗଡ଼ଖାଇ ଶିଆଡ଼ିମାଳିଆ ଏବେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ପ୍ରାଚୀନ ଓ ଐତିହାସିକ ପୀଠର ବିକାଶ ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁନଥିବାରୁ ପରିଚାଳନା କମିଟି ତରଫରୁ ସଭାପତି ବିଜୟ କୁମାର ମିଶ୍ର '୫-ଟି' ସଚିବଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଏହାର ପୁନରୁଦ୍ଧାର ପାଇଁ ଦାବି କରିଥିଲେ। ଏହି ଗଡ଼ଖାଇରେ ମା' ଧନେଇ ଠାକୁରାଣୀ ଏକମାତ୍ର ମୁକ ସାକ୍ଷୀ ଭାବେ ଏବେ ବି ଦଣ୍ଡାୟମାନ। ରାଜାରାଜୁଡ଼ା ଶାସନ ପରେ ଅବହେଳିତ ହୋଇପଡିଥିବା ଏହି ପୀଠର ବିକାଶ ପାଇଁ '୫-ଟି' ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇ ଆସୁଥିଲା। ବିଭାଗୀୟ ଅଣଦେଖା ଯୋଗୁ ଏହି କିମ୍ବଦନ୍ତୀପୂର୍ଣ୍ଣ ସ୍ଥାନ ସତ୍ତା ହରାଇବାକୁ ବସିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ଏହି ପୀଠ ଝଲସି ଉଠିଲାଣି। ୨୦୧୬ ମସିହାରେ ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଶିଆଡ଼ିମାଳିଆ ପରିଦର୍ଶନ କରି ବୃକ୍ଷରୋପଣ ମାଧ୍ୟମରେ ଏହାର ଶୋଭାବୃଦ୍ଧି କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ବାହାର ଅଞ୍ଚଳରୁ ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କ ଆଗମନ ସମ୍ପର୍କରେ ସୂଚନାପାଇ ଗଡ଼ଖାଇକୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ।



ପ୍ରାଥମିକତା ଭିତିରେ ଗଡ଼ଖାଇର ବିକାଶ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ୧ କୋଟି ୩୦ ଲକ୍ଷ ଟଙ୍କାର ଏକ ସୁଚିନ୍ତିତ ପ୍ରସ୍ତାବ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା। ଏହାଦ୍ୱାରା ଗଡ଼ଖାଇକୁ ପକ୍ଷୀମାନଙ୍କୁ ଆକୃଷ୍ଟ କରିବା ପାଇଁ, ବୋଟିଂ, ପାର୍କ, ନୌବିହାର ଆଦି ବ୍ୟବସ୍ଥା କରାଯାଇ ଏକ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ବର୍ତ୍ତମାନ ଏହି ପୀଠର ଯଥା ସମ୍ଭବ ରୂପାନ୍ତରଣ କାର୍ଯ୍ୟ କରାଯାଇଥିବାରୁ ଏହି ପୀଠର ଗରିମା ଓ ସୌନ୍ଦର୍ଯ୍ୟ ଶୋଭାବର୍ଦ୍ଧନ କରୁଥିବା ପରିଲକ୍ଷିତ କରୁଛି।

## ଆହାର କେନ୍ଦ୍ର ଖାଦ୍ୟ ଯାଞ୍ଚ କଲେ ପୌର ଅଧିକାରୀ




**ଆନନ୍ଦପୁର,୧୩।୧(ସମିସ):** ଆନନ୍ଦପୁର ବସ୍‌ଷ୍ଟାଣ୍ଡରେ ଥିବା ଆହାର କେନ୍ଦ୍ରରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆନନ୍ଦପୁର ପୌରନିର୍ବାହୀ ଅଧିକାରୀ ଦେବବ୍ରତ ବଳ ଆହାର କେନ୍ଦ୍ର ପରିଦର୍ଶନ କରିଥିବା ଜଣାଯାଇଛି। ପରିଦର୍ଶନ କାଳରେ ଆହାର କେନ୍ଦ୍ରରେ ପରିବେଷଣ ହେଉଥିବା ଖାଦ୍ୟର ମାନ ଯାଞ୍ଚ କରିବା ସହିତ ନିଜେ ଖାଦ୍ୟର ସ୍ୱାଦ ପରୀକ୍ଷା କରିଥିଲେ। ସେହିପରି ପାନୀୟ ଜଳର ଅଭାବ ଯୋଗୁ ଲୋକେ ଖାଇସାରିବା ପରେ ଜଳକଷ୍ଟରେ ହନ୍ତସନ୍ତ ହେଉଥିବା କେତେକ ହିତାଧିକାରୀ ଅଭିଯୋଗ କରିଥିଲେ। ଏହି ପରିଦର୍ଶନ କାଳରେ ପିଇବା ପାଣିର ସମସ୍ୟାରୁ ହିତାଧିକାରୀମାନେ ହନ୍ତସନ୍ତ ହେଉଥିବା ଅନୁଧ୍ୟାନ କରିବା ପରେ ଜିଲ୍ଲା ଆହାର ସମିତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିବା ପୌରଅଧିକାରୀ ଶ୍ରୀ ବଳ ପ୍ରକାଶ କରିଛନ୍ତି। ତେବେ ପ୍ରତିଦିନ ୫ଶହରୁ ଊର୍ଦ୍ଧ୍ୱ ଭୋଜନ କରୁଥିବା ହିତାଧିକାରୀମାନଙ୍କ ସୁବିଧା ପାଇଁ ଖୁବ୍ ଶୀଘ୍ର ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯିବା ଦିଗରେ ଉଚିତ ପଦକ୍ଷେପ ନିଆଯିବାକୁ ଶ୍ରୀ ବଳ ପ୍ରକାଶ କରିଛନ୍ତି। ଏହି କେନ୍ଦ୍ରରେ ହିତାଧିକାରୀମାନେ ଖାଇସାରିବା ପରେ ପିଇବା ପାଣି ପାଇଁ ବାହାରକୁ ଯିବାକୁ ପଡୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଏସମ୍ପର୍କରେ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଉନଥିବାରୁ ଏନେଇ ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା। ଗତ ୨୦୧୬ ମସିହା ଜୁନ୍ ମାସ ୩୦ ତାରିଖରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏହି ସୁଲଭ ଭୋଜନାଳୟ ଆହାର କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ।

## ବିବେକାନନ୍ଦ ଚରିତ୍ରର ଏକକ ଅଭିନୟ



**ଆନନ୍ଦପୁର,୧୩।୧(ସମିସ):** ଦେଓଗାଁସ୍ଥିତ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଚରିତ୍ର ଉପରେ ଆଧାରିତ ଏକକ ଅଭିନୟ ବେଶ୍ ଆକର୍ଷଣୀୟ ହୋଇଥିଲା। ବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀ ବିବେକାନନ୍ଦଙ୍କ ବେଶରେ ଅଭିନୟ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନାମ ଚରଣ ମାଝୀଙ୍କ ସଂଯୋଜନାରେ ଉକ୍ତ ଦିନ ବିବେକାନନ୍ଦଙ୍କ ବାଣୀ, ଜୀବନଚର୍ଯ୍ୟା ତଥା ଦର୍ଶନତତ୍ତ୍ୱ ଉପରେ ଆଧାର କରି ଗୁରୁଜୀ ଓ ଗୁରୁମାମାନେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହ ପ୍ରଦାନପୂର୍ବକ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୁରୁଜୀ ଗୌରାଙ୍ଗ ଚରଣ ଜେନା, ଯୁଧିଷ୍ଠିର ସେଠୀ, ପ୍ରଶାନ୍ତ କୁମାର ସାହୁ, ରସାନନ୍ଦ ବେହେରା, ସୁଧାକର ରାଉତ ଓ ଗୁରୁମା ମମିତା ରାଉତ, ନିରୁପମା ଚକ୍ର ପରିଚାଳନା କରିଥିବା ବେଳେ ଏଥିରେ କର୍ମଚାରୀ ନାରାୟଣ ଜେନା, ଅଜୟ କୁମାର ବେହେରା, ଶିବଚରଣ ଦେହୁରୀ ଏବଂ ନିରୁପମା ସାହୁ ସହଯୋଗ କରିଥିଲେ।

## ରାମଲା ଚନ୍ଦ୍ରଶେଖର ବିଦ୍ୟାଳୟରେ ବାର୍ଷିକ ଉତ୍ସବ




**ଚମ୍ପୁଆ,୧୩।୧(ସମିସ):** ଚମ୍ପୁଆ ରାମଲା ସ୍ଥିତ ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅତିରିକ୍ତ ଉପାଧ୍ୟକ୍ଷା ଶତାବ୍ଦୀ ନାୟକ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଧନୁର୍ଜୟ ଲାଗୁରୀ, ସମ୍ମାନିତ ଅତିଥି ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଅବସରପ୍ରାପ୍ତ ପ୍ରଫେସର ପଦ୍ମଲୋଚନ ମହାନ୍ତ, ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ସିଦ୍ଧାର୍ଥ ଭରଦ୍ୱାଜ ରସାୟନ ବିଭାଗ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ମନୋରଞ୍ଜନ ରାଉତ ପ୍ରଭୃତି ଉପସ୍ଥିତ ଥିଲେ। ବିଦ୍ୟାଳୟର ସଂପାଦକ କେଶବ ଚନ୍ଦ୍ର ମହାନ୍ତ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ଉପସଭାପତି ଶିଶିର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରବୀର କୁମାର ମହାନ୍ତ, ରଶ୍ମିତା ସିଂ, ପବିତ୍ରମୟ ଆଚାର୍ଯ୍ୟ, ସସ୍ମିତା ସାହୁ, ଐଶ୍ୱରୀୟା ଗିରି, ଉଦୟମାରାଣ୍ଡି ତଥା ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**• ଜ୍ୟୋତି କପ୍ ନକ୍‌ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ମହିମା କ୍ଲବ୍ କୁସୁମନାଳୀ ଚାମ୍ପିୟନ୍

**ଡୁରୁମୁଙ୍ଗା,୧୩।୧(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜ୍ୟୋତିପୁର ହାଇସ୍କୁଲ ପଡ଼ିଆ ଠାରେ ଜ୍ୟୋତି କ୍ଲବ ପକ୍ଷରୁ ଚାଲିଥିବା ୩୦ତମ ଜ୍ୟୋତି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ ଶୁକ୍ରୁଳି ସହ ମହିମା କ୍ଲବ କୁସୁମନାଳୀ ମଧ୍ୟରେ ହୋଇଥିଲା। କୁସୁମନାଳୀ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୫୮ ରନ ସଂଗ୍ରହ କରିଥିଲା। ୧୫୯ ରନର ପିଛା କରି ଶୁକ୍ରୁଳି ୨୩ ରନରେ ପରାଜୟ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ୧୫ ନମ୍ବର ଯୋନ ଜିଲ୍ଲା ପରିଷଦ ସଦସ୍ୟା ରମଣୀ ନାଏକ, ଜ୍ୟୋତିପୁର ସରପଞ୍ଚ ସ୍ନେହଲତା ନାଏକ, ସମିତିସଭ୍ୟା ସୁକାନ୍ତି ନାଏକ, ସମାଜ ସେବୀ ଭାଗିରଥି ଦାଶ, ଅଜୟ ପଟ୍ଟନାୟକ, ଶତ୍ରୁଘ୍ନ କର, ବଳଭଦ୍ର ନାଏକ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ଖେଳକୁ ଅମ୍ପାୟାର ଭାବରେ ମୋହନ ନାଏକ ଓ କ୍ଷୀରୋଦ ବେହେରା ପରିଚାଳନା କରିଥିବା ବେଳେ ଖେଳ ପରିଚାଳନାରେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଯୁବ ଦିବସ ଅବସରରେ ଶିକ୍ଷା ସଚେତନତା ରାଲି

**ଘସିପୁରା,୧୩।୧(ସମିସ):** ଆଶ୍ୱାୟାର୍ ତରଫରୁ ଗଁପୁର, ଗଡ଼ବାନ୍ଧଗୋଡା, ଅଳତି ଏବଂ ପୁରୁଣାବାନ୍ଧଗୋଡ଼ା ପ୍ରଭୃତି ପଞ୍ଚାୟତରେ ଶିକ୍ଷା ସଚେତନତାର ସାଇକଲ ରାଲି ଆରମ୍ଭ ହୋଇ ଅଳତି କଲ୍ୟାଣ ମଣ୍ଡପ ଠାରେ ସମାପନ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ଦାନ୍ତିଆ ଉଚ୍ଚ ବିଦ୍ୟାଳୟ ଗଣିତ ଶିକ୍ଷକ ତପନ କୁମାର ନାୟକ ଏବଂ ବିଜ୍ଞାନ ଶିକ୍ଷକ ଶେଷଦେବ ଦାଶ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ସିଏଫ ଜ୍ୟୋତିରଞ୍ଜନ ଭୂୟାଁ ଓ ଏଲ୍‌ଏଫ ଦିଲ୍ଲୀପ କୁମାର ଜେନା ଏହା ସହ ଏହି କାର୍ଯ୍ୟକ୍ରମକୁ ମହେଶ ଜେନା, ଦମୟନ୍ତୀ ବିଶ୍ୱାଳ, ତାପସ ନାୟକ, ଶ୍ରଦ୍ଧାଞ୍ଜଳି ମଲ୍ଲୀକ, ସନ୍ତୋଷ କୁମାର ମଲ୍ଲିକ, ଦାରୁଣ ଯେନା, ସତ୍ୟବାନ ଜେନା, ରବୀନ୍ଦ୍ର ସେଠି, ବୁଲବୁଲ ବିରୁଆ, ଅର୍ପିତା ଜେନା, ସୀମାରାଣି ସେନାପତି ପରିଚାଳନା କରିଥିଲେ।

## ମହାନ୍ତ ସଂପ୍ରଦାୟର ଟୁସୁ ପର୍ବ

**ଚମ୍ପୁଆ,୧୩।୧(ସମିସ)**

ପୌଷ ମାସରେ ପାରମ୍ପରିକ ରିତିନୀତିକୁ ବଜାଇ ରଖି ଆଜି ବି ମହାନ୍ତ ସଂପ୍ରଦାୟର ମହିଳାମାନଙ୍କ ଦ୍ୱାରା ପୂଜା ପାଇ ଆସୁଛନ୍ତି ଟୁସୁ ଦେବୀ। କେତେକ ଏହାକୁ ମା'ଙ୍କ ରୂପ ଦେଇ ପୂଜା କରିଆସୁଥିବା ବେଳେ ମହିଳାଙ୍କର ଆତ୍ମ ସମ୍ମାନ ଦେବୀ ରୂପରେ ପୂଜା କରିଆସୁଛନ୍ତି। ପୌଷ ମାସରେ ଏହି ପୂଜା ପଡିଥାଏ। କେତେକ ସ୍ଥାନରେ ଟୁସୁ ଦେବୀଙ୍କର ପ୍ରତିମା ନିର୍ମାଣ କରାଯିବା ପରେ ସଂପ୍ରଦାୟର ମହିଳାମାନେ ଶ୍ରଦ୍ଧା ଓ ଭକ୍ତିର ସହିତ ପୂଜାର୍ଚ୍ଚନା କରି ମୂର୍ତ୍ତୀ ନିର୍ମାତା ଠାରୁ ମୂର୍ତ୍ତୀ ଆଣିବା ପରେ ସ୍ୱତନ୍ତ୍ର ଗୀତର ତାଳେ ତାଳେ ନିଜ ଗ୍ରାମରେ ପହଞ୍ଚିଥାନ୍ତି। ଟୁସୁ ଦେବୀଙ୍କ ପାଇଁ ନିର୍ମାଣ ସ୍ୱତନ୍ତ୍ର ଘରେ ଟୁସୁ ଦେବୀଙ୍କୁ ରଖି ନିଜ ନିଜ ଘରକୁ ଫେରିଥାନ୍ତି। ଟୁସୁର ଆଗମନ ପରେ ଗ୍ରାମର କୁମାରୀମାନେ ଟୁସୁ ଘରେ ରୁଣ୍ଡ ହୋଇ ପାରମ୍ପାରିକ ଗୀତ ମାଧ୍ୟମରେ ଟୁସୁ ମନିର ରୂପ, ଗୁଣ, ଗରିମାର ପ୍ରଶଂସା କରିଥାନ୍ତି। ପରେ ଟୁସୁକୁ ମୁଣ୍ଡରେ ମୁଣ୍ଡାଇ ମହିଳାମାନେ ବିଭିନ୍ନ ଗ୍ରାମକୁ ଯାଇଥାନ୍ତି। ସେଠାରେ ଟୁସୁ ଗୀତ ଗାଇ ଗୃହ କର୍ତ୍ତାଙ୍କ ଠାରୁ ଟଙ୍କା ଓ ଚାଉଳ ଦାନ ଗ୍ରହଣ କରିଥାନ୍ତି। ସୂର୍ଯ୍ୟାସ୍ତ ପୂର୍ବରୁ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଗାଁକୁ ଗାଁ ବୁଲିବା ପ୍ରକ୍ରିୟା ମକରର ଗୋଟିଏ ଦିନ ପୂର୍ବ ପର୍ଯ୍ୟନ୍ତ ଚାଲିଥାଏ। ସେହି ଦିନ ଅହରାତ୍ର ଟୁସୁ ଗୀତର ଆସର ରାତି ସାରା ଚାଲିଥାଏ। ମକର ଦିନ ପ୍ରତ୍ୟୁଷରୁ ସାଂପ୍ରତିକ ରମଣୀ ମାନେ ବିଭିନ୍ନ ଫୁଲ, ଧୂପ, ଦୀପ, ଝୁଣା ଦ୍ୱାରା ଟୁସୁ ମନିଙ୍କର ପୂଜା କରିଥାନ୍ତି। ପରେ ଟୁସୁ ମନିଙ୍କୁ ମୁଣ୍ଡରେ ବହି ସଭା ଯାତ୍ରା ମାଧ୍ୟମରେ ମକର ମେଳା ପରିକ୍ରମା କରିଥାନ୍ତି। ପରିକ୍ରମା ପରେ ଟୁସୁକୁ ବିସର୍ଜନ କରାଯାଇଥାଏ। ବସର୍ଜନ କାରୀ ମାନେ ବିସର୍ଜନ ପରେ ସ୍ନାନାଦି କର୍ମ ଶେଷ କରି ନବ ବସ୍ତ୍ର ପରିଧାନ କରିଥାନ୍ତି। ଲୋକଙ୍କ କଥା ଆଧାରରେ ଟୁସୁ ମନିର ସ୍ମୃତିରେ ମୃଣ୍ମୟ ପ୍ରତିମାକୁ ଆଜି ପର୍ଯ୍ୟନ୍ତ ପୂଜା କରାଯାଇଆସୁଛନ୍ତି।



## ଖଡ଼ିବିଲ୍ ମା' ତାରିଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ଆନନ୍ଦପୁର,୧୩।୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଇଲୋ ପଞ୍ଚାୟତର ଖଡ଼ିବିଲ ଗ୍ରାମରେ ୧୩ତମ ମା'ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସର ପ୍ରଥମ ମ୍ୟାଚରେ ଜଆଁରା କ୍ଲବ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୭ ୱିକେଟରେ ୩୮ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଶାଳପଡା କ୍ଲବ ୫ ଓଭରରେ ୩ ଓିକେଟ ହରାଇ ୩୯ ରନ୍ ସଂଗ୍ରହ କରି ବିଜୟ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ତାଳଗାଁ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୭ ଓଭର ୬ ୱିକେଟରେ ୮୭ ରନ୍ କରିଥିବା ବେଳେ ଜବାବରେ ରମ୍ପାସ କ୍ରିକେଟ କ୍ଲବ ୬.୪ ଓଭରରେ ୫ ୱିକେଟ ହରାଇ ୮୮ ରନ୍ ସଂଗ୍ରହ କରି ବିଜୟ ହୋଇଥିଲା। ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ରମ୍ପାସ କ୍ଲବ ପ୍ରଥମେ ବ୍ୟାଟିଂ କରି ୬.୫ ଓଭରରେ ସମସ୍ତ ୱିକେଟ ହରାଇ ୬୯ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ଶାଳପଡ଼ା ଦଳ ୬.୫ ଓଭରରେ ୪ ୱିକେଟ ହରାଇ ୭୦ ରନ୍ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଆୟୋଜକ କମିଟିର ସଭାପତି ସୁରେଶ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଆମ୍ବେଦକର ସେବା ସଂଘ ସମ୍ପାଦକ ଆଇନଜୀବୀ ଚତୁର୍ଭୁଜ ଜେନା, ସମ୍ମାନୀତ ଅତିଥି ଭାବେ ଭୀମ ଆର୍ମି ଜିଲ୍ଲା ସଭାପତି ସତ୍ୟବ୍ରତ ଜେନା, ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ପାତ୍ର, କଳାକର ସଂଘ ସମ୍ପାଦକ କଳାକର ଜେନା, ସମାଜସେବୀ ଦାମୋଦର ଜେନା, କାହ୍ନୁ ଦଳେଇ, ଶିବଶମ୍ଭୁ ଜେନା, ଲକ୍ଷ୍ମଣ ଜେନା ଯୋଗ ଦେଇଥିଲେ। ଖେଳକୁ ଅମ୍ପାୟାର ଭାବେ ସୂର୍ଯ୍ୟମଣୀ ଜେନା, ଚିନ୍ମୟ କୁମାର ଜେନା, ବିଚିତ୍ର ପେରେଇ ଓ ସ୍କୋରର ଭାବେ ପାପୀଚରଣ ଜେନା, ରାଜେଶ ପେରେଇ ଓ ଧାରା ବିବରଣୀରେ ସୁରେଶ ଜେନା ସହଯୋଗ କରିଥିଲେ।

## ମା' ଧନେଇ ଚ୍ୟାଲେଞ୍ଜ କପ୍ କ୍ରିକେଟ୍

**ଘସିପୁରା/ଆନନ୍ଦପୁର,୧୩।୧(ସମିସ):** ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡ଼ା ନିୟୁ ଜେନେରେସନ ୟୁଥ କ୍ଲବ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ 'ଟି-୨୦' ଧନେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚ୍‌ରେ ଆୟୋଜକ କମିଟିର ସଭାପତି ଆଶୁତୋଷ ମାଝୀଙ୍କ ତତ୍ତ୍ୱାବଧାନରେ ଅତିଥି ଭାବେ ଡାକ୍ତର ଜଗନ୍ନାଥ ଜେନା, ଡାକ୍ତର ଆଶୁତୋଷ ଜେନା, ରତ୍ନାକର ଦଳେଇ, ଯୋଗଦେଇଥିଲେ। ଆଜି ଯାଜପୁର-୧୧କୁ ହରାଇ ସୁକିନ୍ଦା-୧୧ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସୁକିନ୍ଦା କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ୱିକେଟରେ ୧୮୧ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଯାଜପୁର କ୍ଲବ ୧୮.୪ ଓଭରରେ ସମସ୍ତ ୱିକେଟ ହରାଇ ୧୫୩ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଖେଳକୁ ଅମ୍ପାୟାର ଭାବେ ଦିଜେନ୍ଦ୍ର ଘୋଷ ଓ ମାନସ କୁମାର ସାହୁ ପରିଚାଳନା କରିଥିଲେ। ସ୍କୋରର ଭାବେ ସ୍ମୃତିରଞ୍ଜନ ପଟ୍ଟନାୟକ ଏବଂ ଆର୍ତ୍ତସାରଥୀ ପଟ୍ଟନାୟକ ଓ ପଙ୍କଜ ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ।

# ସପ୍ତାହ ହେଲା ଶ୍ରୀବସ୍ତପୁର ଆଦିବାସୀ ସାହି ଅନ୍ଧାର

- ଆଦିବାସୀ ପରିବାରକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ
- ଏସଡିଓଙ୍କଠାରେ ଫେରାଦ ହେଲେ ବହୁ ଆଦିବାସୀ ପରିବାର
- ମୋଟା ଅଙ୍କର ବକେୟା ବିଦ୍ୟୁତ୍ ବିଲ୍‌କୁ ନେଇ ଅସନ୍ତୋଷ

**ଭୋଗରାଇ, ୧୩।୧, (ସମିସ) :** ଭୋଗରାଇ ବ୍ଲକ ଶ୍ରୀବସ୍ତପୁର ଆଦିବାସୀ ସାହିର କେତେକ ବିପିଏଲ ଆଦିବାସୀ ପରିବାରକୁ ଦୀର୍ଘ ୭ ଦିନ ହେଲା ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଛି ଟିପିଏନଓଡିଏଲ। ପୂର୍ବର ନେସ୍କୋ ସମୟର ବକେୟା ବିଦ୍ୟୁତ ବିଲକୁ ନେଇ ଟିପିଏନଓଡିଏଲ ପକ୍ଷରୁ ଏଭଳି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି; ମାତ୍ର ସେହି ସମୟରେ ନେସ୍କୋ ପକ୍ଷରୁ କୌଣସି ବିଦ୍ୟୁତ୍ ବିଲ୍ ଦିଆଯାଇ ନ ଥିବା ଏବଂ ଟାଟା ପାୱାର ଦାୟିତ୍ୱ ନେବା ପରେ ସେମାନଙ୍କୁ ମୋଟା ଅଙ୍କର ବକେୟା ବିଦ୍ୟୁତ ବିଲ ଦିଆଯାଇଥିବା ନେଇ ସମ୍ପୃକ୍ତ ଆଦିବାସୀ ପରିବାର ଅଭିଯୋଗ କରିଛନ୍ତି। ଏ ନେଇ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିବା ପରିବାର ଭୋଗରାଇ ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି।

ଶ୍ରୀବସ୍ତପୁର ଆଦିବାସୀ ସାହିରେ ବସବାସ କରୁଥିବା ପରିବାର ବିପିଏଲ ଶ୍ରେଣୀଭୁକ୍ତ। ନେସ୍କୋ ସମୟରେ ସେମାନଙ୍କ ପରିବାରକୁ ସରକାରୀ ଯୋଜନାରେ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା। ତେବେ ନେସ୍କୋ ପକ୍ଷରୁ ସେହି ସମୟରେ ସେମାନଙ୍କୁ କୌଣସି ବିଦ୍ୟୁତ୍ ବିଲ୍ ଦିଆଯାଇ ନ ଥିଲା। ଟିପିଏନଓଡିଏଲ ବିଦ୍ୟୁତ ପରିଚାଳନା ଦାୟିତ୍ୱ ନେବା ପରେ ସେହି ପରିବାରଗୁଡ଼ିକୁ ହଜାର ହଜାର ଟଙ୍କାର ବକେୟା ବିଦ୍ୟୁତ୍ ବିଲ୍ ଦିଆଯାଇଛି। ଏତେ ପରିମାଣର ଟଙ୍କା ଏକକାଳୀନ ଦେବା ଏହି ଦିନ ମଜୁରିଆ ପରିବାର ପକ୍ଷେ ସମ୍ଭବ ନୁହେଁ। ତେବେ ଟିପିଏନଓଡିଏଲ ଦାୟିତ୍ୱ ନେବା ପାଖରୁ ସେମାନେ ମାସିକ ବିଦ୍ୟୁତ୍ ବିଲ୍ ନିୟମିତ ପଇଠ କରି ରସିଦ ନେଉଛନ୍ତି; ମାତ୍ର ନେସ୍କୋ ସମୟର ବକେୟା ବିଦ୍ୟୁତ୍ ବିଲ୍ ପଇଠ କର ନ ଥିବାରୁ ବିଗତ ୭ ଦିନ ହେଲା ସେହି ଆଦିବାସୀ ପରିବାର ଗୁଡ଼ିକର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଛି ଟିପିଏନଓଡିଏଲ। ପିଲାମାନଙ୍କ ପରୀକ୍ଷା ମୁଣ୍ଡ ଉପରେ ଥିଲା ବେଳେ ଟିପିଏନଓଡିଏଲ ପକ୍ଷରୁ ଗରିବ ଆଦିବାସୀ ପରିବାରର ଏଭଳି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା ବେଳେ ତୁରନ୍ତ ପୁନଃ ବିଦ୍ୟୁତ ସଂଯୋଗ ଦେବା ପାଇଁ ସମ୍ପୃକ୍ତ ପରିବାର ଗୁଡ଼ିକ ଭୋଗରାଇ ବିଦ୍ୟୁତ ଏସଡିଓଙ୍କ ଠାରେ ଲିଖିତ ଦାବି କରାଯାଇଛି। ଏସଡିଓଙ୍କ ଅନୁପସ୍ଥିତିରେ ଆଦିବାସୀ ପରିବାର ପକ୍ଷରୁ କୃଷ୍ଣମୋହନ ମୁର୍ମୁ, ସୁକୁମାର କିସ୍କୁ, ମୁନୀ ସୋରେନ ପ୍ରମୁଖ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

## କମର୍ଦ୍ଦା ଥାନା ଦ୍ୱାରା ବାଲି ଗାଡି ଜବତ

**ଦହମୁଣ୍ଡା, ୧୩।୧(ସମିସ):** ଦିନକୁ ଦିନ ଭୋଗରାଇ ଅଞ୍ଚଳରେ ବାଲି ମାଫିଆଙ୍କ ରାଜ ବଢ଼ିବାରେ ଲାଗିଛି। ପଶ୍ଚିମବଙ୍ଗକୁ ଚୋରାବାଲି ଚାଲାଣ କରି ମାଲାମାଲ ହେଉଛନ୍ତି ମାଫିଆ। କମର୍ଦ୍ଦା ପୁଲସ ଏକ ବାଲି ବୋଝାଇ ଡମ୍ଫର ଜବତ କରି ଏହାର ପ୍ରମାଣ ପାଇଛି। ସୁବର୍ଣ୍ଣରେଖାରୁ ଚୋରାରେ ପଶ୍ଚିମବଙ୍ଗ ବାଲି ଚାଲାଣ ହେଉଥିବା ବେଳେ କମର୍ଦ୍ଦା ଦୁଡ଼ପଲଠାରେ କମର୍ଦ୍ଦା ପୁଲସ ଜବତ କରି ଥାନାକୁ ନେଇଥିଲା।

## କୁଶୁଡା ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




**ଦହମୁଣ୍ଡା, ୧୩।୧(ସମିସ):** ଭୋଗରାଇ ବ୍ଲକ କୁଶୁଡା ପଞ୍ଚାୟତ କୁଶୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ କୁଶୁଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବସ୍ୱାଳ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଅଂଶୁମାନ ରାଉତ, ସମ୍ମାନିତ ଅତିଥି ଭାବେ କୁଶୁଡା ସିଆରସିସି ଗୋପାଳ ଚନ୍ଦ୍ର ସେଠୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଶିକ୍ଷକ ପଞ୍ଚାନନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି ସଭାପତି ଅରୁଣ ସେନାପତି ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବସନ୍ତ ଧଳ ଓ ପ୍ରଦୀପ ନାୟକଙ୍କ ସହ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## ଦେଉଳା ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା



**ଚୌକି, ୧୩।୧(ସମିସ):** ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ କରାଯାଇଛି। ସରପଞ୍ଚ ଚୈତନ୍ୟ ବେହେରାଙ୍କ ନେତୃତ୍ୱରେ ଏହି ରଥ ପ୍ରଥମେ ଦେଉଳା ହାଟ ବାବା ଅନନ୍ତ ପୁରୁଷୋତ୍ତମ ଶିବ ମନ୍ଦିର ପାଖରୁ ବାହରି ସମଗ୍ର ପଞ୍ଚାୟତର ପରିକ୍ରମା କରିଥିଲା। ସଦସ୍ୟ ଗୌତମ ଗିରି, ପୂର୍ବତନ ସରପଞ୍ଚ ଶାନ୍ତିଲତା ବେହେରା, ତାପସ ଦାସମହାପାତ୍ର, ପ୍ରମଥ ପାତ୍ର, ଚାରୁବାଳା ଦାସ, ମିନତୀ ଜେନା, ସତ୍ୟଜିତ ପାତ୍ର, ମଳିନା ଦାସଗୋସ୍ୱାମୀ, ଗୀତାରାଣୀ ଦାସଗୋସ୍ୱାମୀ ଓ ରଞ୍ଜନ ଗିରି ପ୍ରମୁଖ ସହଯୋଗ କରିଥିଲେ।

## ହୃଦ୍‌ଘାତରେ ଟ୍ରେନ୍‌ଯାତ୍ରୀଙ୍କ ଜୀବନ ଗଲା

**ରୂପସା, ୧୩।୧(ସମିସ):** ବାଲେଶ୍ୱର ଜିଲ୍ଲା ରୂପସା ରେଳ ଷ୍ଟେସନ ନିକଟରେ ଶନିବାର ଧଉଳି ଏକ୍ସପ୍ରେସରେ ଘରକୁ ଯାଉଥିବା ଜଣେ ଯାତ୍ରୀ ହୃଦଘାତରେ ଆଖି ବୁଜିଛନ୍ତି। ଏହି ଯାତ୍ରୀ ଜଣକ ହେଲେ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ଶ୍ରୀରାମପୁର ଅଞ୍ଚଳର ବୈଦ୍ୟନାଥ ଘୋଷ (୭୩)। ସେ ୪ ଦିନ ପୂର୍ବରୁ ତାଙ୍କ ପରିବାର ଓ ବନ୍ଧୁ ବର୍ଗଙ୍କ ସହିତ ପୁରୀ ବୁଲିବାକୁ ଆସି ଧଉଳି ଏକ୍ସପ୍ରେସରେ ଫେରୁଥିଲେ। ରୂପସା ଷ୍ଟେସନରେ ଛାତିରେ ଯନ୍ତ୍ରଣା ହବାରୁ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ବଗିରେ ପାଟିତୁଣ୍ଡ ଶୁଣି ଆରପିଏଫ ଓ ସ୍ଥାନୀୟ ଲୋକେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ସୋର, ୧୩।୧(ସମିସ): ସୋର ରେଳଷ୍ଟେସନ ନିକଟରେ ଜଣେ ଯୁବକ ଟ୍ରେନରେ କଟି ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରିନି। ଶନିବାର ସକାଳେ ସୋର ରେଳଷ୍ଟେସନ ଅନତି ଦୂର ଡାଉନ ଲାଇନ ନକଟରେ ଜଣେ ବ୍ୟକ୍ତି ଛିଡ଼ା ହୋଇଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଏହାର କିଛି ସମୟ ପରେ ଭୁବନେଶ୍ୱରରୁ ହାଓଡା ଅଭିମୁଖେ ଶତାବ୍ଦୀ ଏକ୍ସପ୍ରେସ ଟ୍ରେନ ଯାଇଥିଲା। ଏହା ପରେ ଯୁବକଙ୍କ ମୃତଦେହ ରେଳ ଲାଇନ୍‌ରେ ପଡ଼ିଥିବା ଦେଖାଯାଇଥିଲା। ଶରୀରରୁ ମୁଣ୍ଡଟି ସମ୍ପୂର୍ଣ ଭାବେ ଅଲଗା ହୋଇଯାଇଥିଲା। ବ୍ୟକ୍ତି ଜଣକ ଟ୍ରେନ୍ ଆଗରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଖବର ପାଇ ବାଲେଶ୍ୱର ଜିଆରପି କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ନେଇଛି।

## କର୍କଟ ପୀଡ଼ିତାଙ୍କ ପରଲୋକ



**ଜଳେଶ୍ୱର ବ୍ଲକ, ୧୩।୧(ସମିସ):** ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଅଧୀନ ଶାଳିକୋଠା ଗାଁର ଜଣେ କର୍କଟ ପୀଡ଼ିତାଙ୍କ ପରଲୋକ ହୋଇଯାଇଛି। ଏହି ମହିଳା ଜଣକ ହେଲେ କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ପତ୍ନୀ ସୁବାସିନି ଗିରି (୬୫)। ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ତାଙ୍କର ପରଲୋକ ହୋଇଛି। ଗାଁରେ ତାଙ୍କ ଅନ୍ତିମ ସଂସ୍କାର ହୋଇଛି। ସାନ ପୁଅ ଜୟଦେବ ମୁଖାଗି ଦେଇଥିଲେ। ୫ମାସ ଧରି ସେ କର୍କଟ ରୋଗ ସହ ସଂଘର୍ଷ କରୁଥିଲେ। ହଠାତ୍ ପେଟ ଯନ୍ତ୍ରଣାରୁ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେ କର୍କଟ ରୋଗରେ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା।

## ମାଗଣା ଚିକିତ୍ସା ଶିବିର



**ଭୋଗରାଇ, ୧୩।୧(ସମିସ):** ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଦେହୁର୍ଦ୍ଦା ପଞ୍ଚାୟତ ଥାନାଛକ ହେଲିପ୍ୟାଡ ପଡ଼ିଆ ଭୋଗରାଇ ଉତ୍ସବ ମଞ୍ଚରେ ମାୟାନିଦ୍ରା ଫାଉଣ୍ଡେସନ ପକ୍ଷରୁ ଏକ ନିଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସାଂସଦ ମହାମେଘବାହନ ଐର ଖାରବେଳ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚିକିତ୍ସା ଶିବିରକୁ ଆଇନଜୀବୀ ରାଜକୁମାର ଦାସ, ପୂର୍ବତନ ସୁନାଧରବସାଣ ପଞ୍ଚାୟତ ସମିତି ସଦସ୍ୟ ସୁନୀଲ କର, ରବୀନ୍ଦ୍ର ଜେନା ଓ ଅମଳେନ୍ଦୁ ଶେଖର ଦାସ, କବି ଡ. ଶ୍ରୀକୁମାର ଘୋଷ, ସାବିତ୍ରୀ ଜେନା, ପ୍ରଦୀପ ପଣ୍ଡା, ଅନିରୁଦ୍ଧ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଶକ୍ତିଧର ପରିଡ଼ା, ଡାକ୍ତର ଅମ୍ରିତା ଦ୍ୱିବେଦୀ, ଡାକ୍ତର ସେରିନ ରଭି, ଫାର୍ମାସିଷ୍ଟ ଲକ୍ଷ୍ମୀଧର ନାୟକ ଓ ଶ୍ରୀହର୍ଷ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବିଭିନ୍ନ ରୋଗର ୩ ଶହରୁ ଉହରୁ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣା ଔଷଧ ବଣ୍ଟନ କରିଥିଲେ।

## ଜଳେଶ୍ୱର ମହୋତ୍ସବ କାର୍ଯ୍ୟାଳୟ ଉଦ୍‌ଘାଟିତ



**ଜଳେଶ୍ୱର ବ୍ଲକ, ୧୩।୧(ସମିସ):** ଜାନୁଆରୀ ୨୯ରୁ ଫେବୃୟାରୀ ୬ ପର୍ଯ୍ୟନ୍ତ ଜଳେଶ୍ୱର ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ କମିଟିର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହାକୁ ଜଳେଶ୍ୱର ଥାନା ଅଧିକାରୀ ରଞ୍ଜନ ସେଠୀ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଆଇନଜୀବୀ ଅନିଲ ପରିଡ଼ା, ଶିଶିର ହୁଇ, କାଉନସିଲର ଆଦିତ୍ୟ ନାରାୟଣ ପାତ୍ର, ସୁରଜ୍ ଚୌରାଶିଆ, ବିଜୟ କାମିଲା, ଚିତ୍ତରଞ୍ଜନ ମହାନ୍ତି, ସୁଶାନ୍ତ ସାହୁ, କାଉନସିଲର ଗୋବିନ୍ଦ ଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ସତ୍ୟସୁନ୍ଦର ଦାସ, ଦିଲ୍ଲୀପ ଗିରି, ପ୍ରବୀର ପ୍ରଧାନ, ଉପଦେଷ୍ଟା ଦେବୀ ପ୍ରଶନ୍ନ ଚନ୍ଦ, ସମୀର ପାତ୍ର, ପୂର୍ବତନ ଇଂ ରାମଚନ୍ଦ୍ର ସାହୁ, ଆଇନଜୀବୀ ନିତ୍ୟ ଗୋପାଳ ଦାସ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ, ଉପସଭାପତି ସୁବ୍ରତ ରଣା, ଆଲୋକ ପାତ୍ର, ଦୀପୁ ଦାସ, ରାମ ନାରାୟଣ ଦାସ, ଫାଲଗୁନୀ ପାଣିଗ୍ରାହୀ, ରବୀନ୍ଦ୍ର ସେନାପତି, ବିନ୍ଦୁବାଳା ନନ୍ଦୀ, ସିଦ୍ଧାର୍ଥ ଶଙ୍କର ପାଳ, ତପନ ଦାସ, ବଳରାମ ସାହୁ, ହୁଲା ପାଳ, ରାଜୀବ ପରିଡ଼ା, ଜଳଧର ଭଞ୍ଜ, ମଧୁସୂଦନ ସେନାପତି, କ୍ଷୀତିଶ ଚନ୍ଦ୍ର ଘୋଷ, ଫକୀର ପ୍ରଧାନ, ମଧୁସୂଦନ ଦତ୍ତ, ଗିରିଜା ଶଙ୍କର ଦାସ, ଫରିଦ ଅହମଦ, ଜଗନ୍ନାଥ ଗୋଛୟତ, ସୁକୁମାର ରଣା, ଅମିତାଭ ପାତ୍ର, ନବେନ୍ଦୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କାନପୁର ତାରିଣୀ, ଦାରୁହା ମହାଦେବ ମନ୍ଦିରରୁ ଚୋରି

**ଭୋଗରାଇ/କମର୍ଦ୍ଦା/ଦହମୁଣ୍ଡା, ୧୩।୧(ସମିସ):** କମର୍ଦ୍ଦା ଥାନା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଦୁଇଟି ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ମନ୍ଦିରର ମୁଖ୍ୟ କବାଟ ଭାଙ୍ଗି ଦୁର୍ବୃତ୍ତ ସମସ୍ତ ସୁନାରୂପା ଅଳଙ୍କାର, ଆସବାବପତ୍ର, ମା'ଙ୍କ ମୂର୍ତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଛନ୍ତି। ନହରା ପଞ୍ଚାୟତ କାନପୁର ତାରିଣୀ ମନ୍ଦିର ଓ ଦାରୁହା ପଞ୍ଚାୟତ ଦାରୁହା ମହାଦେବ ମନ୍ଦିରରୁ ଏହି ଚୋରି ହୋଇଛି।

ଶୁକ୍ରବାର ସନ୍ଧ୍ୟାରେ କାନପୁର ତାରିଣୀ ମା'ଙ୍କ ମନ୍ଦିରର ପୂଜକ ସାନ୍ଧ୍ୟ ନୀତିକାନ୍ତି ସମାପନ ପରେ ମନ୍ଦିର ବନ୍ଦ କରି ଘରକୁ ଯାଇଥିଲେ। ଶନିବାର ଭୋରରେ ମନ୍ଦିର ପାଖରେ ଥିବା କାନପୁର ଗ୍ରାମର ରାଜେନ୍ଦ୍ର ପାତ୍ର ଦୋକାନ ଖୋଲିବାକୁ ଆସି ମନ୍ଦିରର ମୁଖ୍ୟ କବାଟ ଖୋଲା ଥିବା ଏବଂ ସେଥିରେ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେ ଅନ୍ୟମାନଙ୍କୁ ଖବର ଦେଇଥିଲେ। ଖବର ପାଇ ଗ୍ରାମବାସୀ ପହଞ୍ଚିଥିଲେ। ମନ୍ଦିରର ୭ଟି ତାଲା ଭାଙ୍ଗି ସମସ୍ତ ସୁନାରୂପା ଅଳଙ୍କାର ସହିତ ମା'ଙ୍କ ମୂର୍ତ୍ତି ଚୋରି ହୋଇଥିବା ସମସ୍ତେ ଦେଖିବାକୁ ପାଇଥିଲେ।

ସେହିପରି କମର୍ଦ୍ଦା ଥାନା ଦାରୁହା ପଞ୍ଚାୟତ ଦାରୁହା ମହାଦେବ ମନ୍ଦିରର ମୁଖ୍ୟ କବାଟର ତାଲା ଭାଙ୍ଗି ଶୁକ୍ରବାର ରାତିରେ ଦୁର୍ବୃତ୍ତ ଚୋରି କରିଛନ୍ତି। ସୁନାରୂପା ଅଳଙ୍କାର, ରୂପା ପାଦୁକା, ତମ୍ବା ସାପ, ପିତ୍ତଳ ଆସବାବପତ୍ର, ତ୍ରିଶୂଳ, ବଡ ଘଣ୍ଟି, ଡାକବାଜି ଯନ୍ତ୍ର ସହ ବାସନକୁସନ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇ କମର୍ଦ୍ଦା ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ କମର୍ଦ୍ଦା ଥାନା ଅଞ୍ଚଳରେ ଦୁର୍ବୃତ୍ତ ବାରମ୍ବାର ଚୋରି କରୁଥିବା ବେଳେ ପୁଲିସ ଏହାକୁ ରୋକିବା ତ ଦୂରର କଥା ଏହାର ସୁରାକ ମଧ୍ୟ ପାଇପାରୁନାହିଁ। ଏଣୁ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ତରତରୀ ବାଳିକା ବିଦ୍ୟାନିକେତନର ବାର୍ଷିକ ଉତ୍ସବ



**ରାଜ ବରହମପୁର ୧୩।୧(ସମିସ):** ନୀଳଗିରି ବ୍ଲକ କିଶୋରଚନ୍ଦ୍ରପୁର ପଞ୍ଚାୟତ ଅଧୀନ ତରତରୀ ବାଳିକା ବିଦ୍ୟାନିକେତନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୀଳଗିରି ବିଧାୟକ ଇଂ ସୁକାନ୍ତ ନାୟକ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ମଞ୍ଚାସୀନ ଥାଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକାଶ ରଞ୍ଜନ ଜେନା ପୌରୋହିତ୍ୟ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ବିମଳ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ରାଜୀବ ଲୋଚନ ଚୌଧୁରୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଗୌରୀଶଙ୍କର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ମନୋଜ ସି, ଘନଶ୍ୟାମ ପ୍ରଧାନ, ଶିକ୍ଷୟିତ୍ରୀ ଇତିଶ୍ରୀ ଦାସ, ମନୋରମା ଦାସ, କାଦମ୍ବିନୀ ବିଶ୍ୱାଳ, ଅଶୋକ ମିଶ୍ର, ପୁରୁଷୋତ୍ତମ ବେହେରା, ଉମେଶ ଚନ୍ଦ୍ର ବେହେରା, ରାଜକିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଦର୍ଶ ଶିକ୍ଷାମନ୍ଦିରରେ ବାର୍ଷିକ କ୍ରୀଡ଼ା

**ଖଇରା, ୧୩।୧(ସମିସ):** ଖଇରା ଆଦର୍ଶ ଶିକ୍ଷାମନ୍ଦିରର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ପ୍ରଭାତ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଙ୍ଗଡିଆଁ, ମ୍ୟୁଜିକ ଚେୟାର, ଦୌଡ, ଗଣିତ ଦୌଡ, ଶଙ୍ଖଫୁଙ୍କା, ନାଚଗୀତ ଓ ଅଭିନୟ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ମଣିକିଙ୍କର ଜେନା, ଶିକ୍ଷୟିତ୍ରୀ ନିର୍ମଳା ମହାନ୍ତି, ପ୍ରୀତି ପାଣିଗ୍ରାହୀ, ବିଚିତ୍ରା ଦାସ, ବିଦ୍ୟୁତପ୍ରଭା ହାତୀ, ରଶ୍ମିତା ଦାସ, ଅନୁଶ୍ରୀ ନହାନ୍ତି, ଶୁଭଶ୍ରୀ ଦାସ, ବାସନ୍ତୀ ସାହୁ, ଶିକ୍ଷକ ପ୍ରହ୍ଲାଦ ରାୟ, ତପନ ଜେନା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା।

### ଡମ୍ଫର ଧକ୍କାରେ ୨ ଭାଇଙ୍କ ମୃତ୍ୟୁ ଘଟଣା

## ଲୁହରେ ଭିଜିଲା ମନ୍ଦାରସାହି ପାଟଣା

**ଭୋଗରାଇ/ଚୌକି, ୧୩।୧(ସମିସ):**

ଡମ୍ଫର ଧକ୍କାରେ ୨ ଭାଇଙ୍କ ମୃତ୍ୟୁ ଘଟଣାରେ ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତର ମନ୍ଦାରସାହିପାଟଣା ଲୁହରେ ଭିଜିଛି। ଦୁଇ ଭାଇ ନାରାୟଣ ଚନ୍ଦ୍ର ଦାସ ଓ ଲକ୍ଷ୍ମୀକାନ୍ତ ଦାସଙ୍କ ମୃତଦେହ ଶନିବାର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ଗାଁ ମଶାଣିରେ ଏକାଠି ଜୁଇ ଜଳିଛି।

ଶନିବାର ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମନ୍ଦାରସାହିପାଟଣାରେ ଶବ ପହଞ୍ଚିଥିଲା। ଏହାପରେ ଲୋକଙ୍କ ଗହଳି ହୋଇଥିଲା। ସମସ୍ତଙ୍କ ଆଖିରେ ଲୁହ ଜକେଇଥିଲା। କାନ୍ଦ ବୋବାଳିରେ ଫାଟି ପଡୁଥିଲା ସମଗ୍ର ଅଞ୍ଚଳ। ଖବର ପାଇ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ବିଜେପି ନେତା ମାନସ ମହାନ୍ତି, ବିଜେଡି ନେତା ଶ୍ରୀନିବାସ ଗିରି, ସୁଧାଂଶୁ ଗିରି। ଦୀପକ ଦାସ ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାରକୁ ଆଶ୍ୱାସନା ଦେଇଥିଲେ।



ସୂଚନାଯୋଗ୍ୟ, ଜଳେଶ୍ୱର ଥାନା ଲକ୍ଷ୍ମଣନାଥ କୋର୍ଟ ବଜାର ନିକଟରେ ଶୁକ୍ରବାର ଦୁର୍ଘଟଣା ଘଟିଥିଲା। ଅଟୋରେ ଯାଉଥିବା ନାରାୟଣ ଓ ଲକ୍ଷ୍ମୀକାନ୍ତଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ଅଟୋ ଚାଳକ ପରେଷ ଗିରି (୫୦), ରବୀନ୍ଦ୍ର ପାତ୍ର (୪୮), ହେମନ୍ତ ପାତ୍ର (୫୫) ଓ ଶଙ୍କରପାତ୍ର (୬୫) ଗୁରୁତର ହୋଇଛନ୍ତି। ଏମାନଙ୍କୁ ପ୍ରଥମେ ଜଳେଶ୍ୱର ହସ୍ପିଟାଲ ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

## ଛାତ୍ରୀ ଆତ୍ମରକ୍ଷା ତାଲିମ



**ଖଇରା, ୧୩।୧(ସମିସ):** ଗରସଙ୍ଗଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ବଳ, ଅଧ୍ୟାପକ ସଞ୍ଜୟ ରାଉତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରୁଦ୍ର କର ଓ ସହ ପରିଚାଳକ ଭାବେ ଅଧ୍ୟାପକ ବସନ୍ତ ବାରିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଶିକ୍ଷିକା ଭାବେ ଅର୍ଚ୍ଚନା ଯେନା ୧୬୬ଜଣ ବାଳିକାକୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଉପରେ ତାଲିମ ପ୍ରଦାନ କରୁଛନ୍ତି।

ଦହମୁଣ୍ଡା: ଦହମୁଣ୍ଡା ଆନନ୍ଦମୟୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଅଳକା ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କଲେଜ ପୂର୍ବତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ଜେନା ଯୋଗଦେଇ ସାମ୍ପ୍ରତିକ ସମାଜରେ ଛାତ୍ରୀ ଆତ୍ମସୁରକ୍ଷାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସଂଯୋଜିକ ବସୁମତି ପତି ଓ ତାଲିମଦାତା ଦେବଯାନୀ ପ୍ରଧାନ ଛାତ୍ରୀ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ଓ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଜଣେ ଛାତ୍ରୀ କିଭଳି ନିଜକୁ ସୁରକ୍ଷା ଦେଇ ପାରିବ ସେ ନେଇ ଆଲୋଚନା ହୋଇଥିଲା।

# ଷ୍ଟେସନ ଯିବାକୁ ଯାତ୍ରୀ ଅଣନିଃଶ୍ୱାସୀ





**୨, ୩ ନମ୍ବର ପ୍ଲାଟଫର୍ମକୁ ଯିବା ପାଇଁ ୧କିମିରୁ ଅଧିକ ରାସ୍ତାଚାଲିବାକୁ ପଡୁଛି**

**କଷ୍ଟ ଅନୁଭବ କରୁଛନ୍ତି ବୟସ୍କ ଓ ଅସୁସ୍ଥ ଯାତ୍ରୀ**

**ବାଲେଶ୍ୱର, ୧୩।୧(ସମିସ):**

ବାଲେଶ୍ୱର ରେଳ ଷ୍ଟେସନ ମଡେଲ ଷ୍ଟେସନର ରୂପାନ୍ତରିତ ପାଇଁ ଯୋଜନା ସରଛି; ମାତ୍ର କାର୍ଯ୍ୟ ଆରମ୍ଭ ହୋଇନି। ବାରମ୍ବାର ରେଳଷ୍ଟେସନକୁ ରେଳ ବିଭାଗର ଜିଏମଠାରୁ ଡିଆରଏମ ପର୍ଯ୍ୟନ୍ତ ତଦାରଖ ପାଇଁ ଆସୁଥିବା ବେଳେ ରେଳମନ୍ତ୍ରୀ ମଧ୍ୟ ବିଭିନ୍ନ ସମୟରେ ଗସ୍ତ କରୁଛନ୍ତି; ହେଲେ ରେଳ ବିଭାଗର ମଡେଲ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଇତିମଧ୍ୟରେ ରେଳବିଭାଗ ପକ୍ଷରୁ ଦୁର୍ବଳ ସ୍ଥିତିର ଆଳ ନେଇ ଭଙ୍ଗା ଯାଇଥିବା ରେଳଷ୍ଟେସନର ମଧ୍ୟ ଭାଗର ପ୍ରଥମ ଫୁଟ୍ ଓଭରବ୍ରିଜ ପୁନଃ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ମଧ୍ୟ ଭାଗର ଫୁଟ ଓଭର ବ୍ରିଜ ନ ଥିବାରୁ ଯାତ୍ରୀଙ୍କୁ ୨ ନମ୍ବର ଓ ୩ ନମ୍ବର ପ୍ଲାଟଫର୍ମକୁ ଯିବା ପାଇଁ ଏବେ ପ୍ରାୟ ୧ କିଲୋମିଟରୁ ଅଧିକ ବାଟ ଚାଲିବାକୁ ପଡୁଛି। ଏଥିରେ ସବୁଠାରୁ ଯନ୍ତ୍ରଣାଦାୟକ ସ୍ଥିତିକୁ ସାମନା କରୁଛନ୍ତି ମହିଳା, ବୟସ୍କ ଓ ଅସୁସ୍ଥ ଯାତ୍ରୀ। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ବାଲେଶ୍ୱର ରେଳ ଷ୍ଟେସନର ପ୍ରଥମ ଫୁଟ ଓଭର ବ୍ରିଜଟି ଷ୍ଟେସନର ମୁଖ୍ୟ ଦ୍ୱାର ପ୍ରାର୍ଶ୍ୱରେ ୧ ନମ୍ବରରୁ ୪ ନମ୍ବର ପ୍ଲାଟଫର୍ମ ପର୍ଯ୍ୟନ୍ତ ଲମ୍ବିଥିଲା। ଦୂରଗାମୀ ଟ୍ରେନର ଯାତ୍ରୀମାନେ ବ୍ୟାଗ ପତ୍ର ଧରି ଅନ୍ୟ ପ୍ଲାଟଫର୍ମର ମଧ୍ୟ ଭାଗରେ ପହଞ୍ଚି ଉତ୍ତର ଅଥବା ଦକ୍ଷିଣକୁ ଅନାୟସରେ ଯାଇ ପାରୁଥିଲେ। ସେହିପରି ଟିକଟ କାଉଣ୍ଟରରୁ ଟିକଟ ନେଇ ଯାତ୍ରୀ ସହଜରେ ଏହି ବ୍ରିଜରେ ଚଢ଼ି ଧାର୍ଯ୍ୟ ପ୍ଲାଟଫର୍ମକୁ ଯାଇ ଗାଡ଼ି ଧରି ପାରୁଥିଲେ। ଭଙ୍ଗାଯାଇଥିବା ଫୁଟ ଓଭର ବ୍ରିଜଟି ପ୍ଲାଟଫର୍ମର ମଝିରେ ଥିବାରୁ ଯାତ୍ରୀଙ୍କୁ ଅଧିକ ଚାଲିବାକୁ ପଡୁ ନ ଥିଲା; ମାତ୍ର ଦେଢ଼ବର୍ଷ ପୂର୍ବରୁ ଏହି ଫୁଟ ଓଭର ବ୍ରିଜ ବିପଦ ସଙ୍କୁଳ ସ୍ଥିତିରେ ଥିବା କହି ରେଳ କର୍ତ୍ତୃପକ୍ଷ ପ୍ରଥମେ ମରାମତି ପାଇଁ ୬ମାସରୁ ଅଧିକ ସମୟ ଏହାକୁ ବନ୍ଦ କରି ରଖିଥିଲେ। ପରବର୍ତ୍ତୀ ସମୟରେ ଷ୍ଟେସନ ନବୀକରଣ ନାମରେ ଫୁଟ ଓଭର ବ୍ରିଜକୁ ସେଠାରୁ ସମ୍ପୂର୍ଣ୍ଣ ଉଠାଇ ଦେଇଛନ୍ତି। ସମ୍ପ୍ରତି ବାଲେଶ୍ୱର ରେଳ ଷ୍ଟେସନର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ୨ଟି ଫୁଟ ଓଭର ବ୍ରିଜ ଥିଲେ ବି ତାହା ଯାତ୍ରୀଙ୍କ ପାଇଁ କଷ୍ଟଦାୟକ ସ୍ଥିତି ଉପୁଜାଉଛି। ପ୍ଲାଟଫର୍ମର ମୁଖ୍ୟ ଦ୍ୱାରଠାରୁ ପ୍ରାୟ ୪ଶହ ମିଟର ଦୂର ଉତ୍ତର କ୍ୟାବିନ ପାଖାପାଖି ସ୍ଥାନରେ ଥିବା ବେଳେ ଅନ୍ୟଟି ପ୍ଲାଟଫର୍ମର ଶେଷମୁଣ୍ଡ ଦକ୍ଷିଣ ପାର୍ଶ୍ୱରେ ରହିଛି। ୨ କିମ୍ବା ୩ ନମ୍ବର ପ୍ଲାଟଫର୍ମରେ ଟ୍ରେନ ଚଢ଼ିବା ପାଇଁ ଯାତ୍ରୀଙ୍କୁ ପାଖାପାଖି ଏକ କିଲୋମିଟରରୁ ଅଧିକ ରାସ୍ତା ଚାଲିବାକୁ ପଡୁଛି। ବୟସ୍କ ଓ ଅସୁସ୍ଥ ଯାତ୍ରୀଙ୍କ ପାଇଁ ଏହା ଅଧିକ ଯନ୍ତ୍ରଣାଦାୟକ ହୋଇପଡ଼ିଛି। ଏ ନେଇ ବାରମ୍ବାର ରେଳ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ବି କୌଣସି ପ୍ରତିକାର ବ୍ୟବସ୍ଥା ଗହଣ ନ ହେବା ଯୋଗୁଁ ଯାତ୍ରୀଙ୍କ ସମେତ ସାଧାରଣ ଲୋକ ଏବଂ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଯାତ୍ରୀ ବିପଦ ଜନକ ଭାବେ ରେଳଧାରଣା ପାର ହୋଇ ଗୋଟିଏ ପ୍ଲାଟଫର୍ମରୁ ଆଉ ଗୋଟିଏ ପ୍ଲାଟଫର୍ମକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏହାକୁ ନେଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ବାରମ୍ବାର ଅବଗତ ପରେ ବି ସେ ନିଦାବିଷ୍ଟୁ ପାଲଟିଛନ୍ତି। ଏପରିକି ସାଂସଦ ରେଳ ମନ୍ତ୍ରୀଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଏ ସମ୍ପର୍କରେ କହିଥିବା ବେଳେ ସେମାନେ କେହି ଶୁଣୁ ନ ଥିବା ଉତ୍ତର ଦେବା ସହ ଶ୍ରୀ ଷଡଙ୍ଗୀ ଦକ୍ଷିଣପୂର୍ବ ରେଳପଥର ମହାପ୍ରବନ୍ଧକଙ୍କୁ ପଚାରିବାକୁ କହିଥିଲେ। ଦକ୍ଷିଣ ପୂର୍ବ ରେଳ ବିଭାଗର ମହାପ୍ରବନ୍ଧକ ଅନୀଲ ମିଶ୍ର ବାଲେଶ୍ୱର ଗସ୍ତରେ ଆସିଥିବା ସମୟରେ ଉକ୍ତ ଘଟଣା ସମ୍ପର୍କରେ ତାଙ୍କୁ ପଚରାଯାଇଥିଲା। ସେ ଯାତ୍ରୀଙ୍କ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ରେଳ ଷ୍ଟେସନର ଉନ୍ନତୀକରଣ କାର୍ଯ୍ୟପାଇଁ ନୂତନ ଫୁଟ ଓଭର ବ୍ରିଜ ନିର୍ମାଣରେ ବିଳମ୍ବ ହୋଇଥିବା କହିଛନ୍ତି। ସମ୍ପ୍ରତି ବାଲେଶ୍ୱର ରେଳ ଷ୍ଟେସନକୁ ମଡେଲ ଷ୍ଟେସନ ଭାବେ ନିର୍ମାଣ ପାଇଁ ପ୍ରାୟ୨୫୦କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିବା ବେଳେ ନୂତନ ଡିପିଆର ପ୍ରସ୍ତୁତି ସହ ଟେଣ୍ଡର ପ୍ରକିୟା ସରିଛି। ଖୁବ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଆସନ୍ତା ଦୁଇବର୍ଷ ମଧ୍ୟରେ ମଡେଲ ଷ୍ଟେସନ ନିର୍ମାଣ କାର୍ଯ୍ୟ ଶେଷ ହେବ। ଏହି ନବୀକରଣ କାର୍ଯ୍ୟର ପ୍ରାରମ୍ଭରେ ରେଳଷ୍ଟେସନର ମଧ୍ୟ ଭାଗରେ ପ୍ରସ୍ତାବିତ୧୮ ମିଟର ଚଉଡାର ଫୁଟ ଓଭର ବ୍ରିଜ ନିର୍ମାଣକୁ ଅଗ୍ରାଧିକାର ଦିଆଯିବ। ଏମିତିକି ପ୍ରାସ୍ତାବିତ ଅନ୍ୟ ଦୁଇଟି ଫୁଟ ଓଭର ବ୍ରିଜ ସହିତ ମଧ୍ୟ ଭାଗର ବ୍ରିଜକୁ ଯୋଡ଼ିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜିଏମ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଏହାସହ ସାମ୍ପ୍ରତିକ ସ୍ଥିତିରେ ବୟସ୍କ ଓ ଅସୁସ୍ଥ ଯାତ୍ରୀଙ୍କ ଯା'ଆସ ପାଇଁ ପ୍ଲାଟଫର୍ମରେ ଅସ୍ଥାୟୀ ଭାବେ ବ୍ୟାଟେରୀ ଚାଳିତ ଗାଡ଼ି ବ୍ୟବସ୍ଥା କରିବା ବାବଦରେ ପଦକ୍ଷେପ ନେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।




## ହେଲ୍‌ଦି ଲାଇଫ ଯୋଗ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଉଦ୍‌ଘାଟିତ

**ବାଲେଶ୍ୱର, ୧୩।୧(ସମିସ):** ବାଲେଶ୍ୱରର ଅଗ୍ରଣୀ ଯୋଗ ପ୍ରଶିକ୍ଷଣ ଅନୁଷ୍ଠାନ ଇନଷ୍ଟିଚ୍ୟୁଟ୍ ଅଫ ନେଚର କିୟୋର ଆଣ୍ଡ ଯୋଗିକ୍ ସାଇନ୍ସ ଆନୁକୂଲ୍ୟରେ ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନଏସଏସ) ଶିବିର ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ପ୍ରଶିକ୍ଷଣ ସହ ଏନଏସଏସ ଶିବିରରେ ଅଂଶଗ୍ରହଣ ପୂର୍ବକ ସମାଜଗଠନମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀମତୀ ସାହୁ ଏହି ଅବସରରେ ମତ ପ୍ରକାଶ କରିଥିଲେ। ଦୈନିକ ଖବର କାଗଜ ଧ୍ୱନୀ ପ୍ରତିଧ୍ୱନୀର ମୁଖ୍ୟ ସମ୍ପାଦକ ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଓ କବି କାଳିପଦ ପଣ୍ଡା ଏଥିରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ସେବା, ନିଶା ନିବାରଣ, ଚାରାରୋପଣ ଓ ରକ୍ତଦାନ ଭଳି ବିଭିନ୍ନ ସାମାଜିକ କର୍ମ ପ୍ରତି ଛାତ୍ରଛାତ୍ରୀଙ୍କ ନିକଟରେ ଆଗ୍ରହ ପ୍ରକାଶ କରାଇବାରେ ଏହି ଶିବିର ବେଶ ସହାୟକ ହେବ ବୋଲି ଆଶାପ୍ରକାଶ କରିଥିଲେ। ସଶକ୍ତ ଭାରତ ନିର୍ମାଣ ପାଇଁ ଯୋଗ ପ୍ରଶିକ୍ଷଣ ସହିତ ସମାଜସେବା କ୍ଷେତ୍ରରେ ଆଗଭର ହୋଇ ଜଣେ ଜଣେ ସୁନାଗରିକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଚିତ୍ତ ରଞ୍ଜନ ସାହୁ ଏଥିରେ ପୌରୋହିତ୍ୟ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଶିବିରରେ ଛାତ୍ରଛାତ୍ରୀଙ୍କୁ କର୍ମଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ, ରାଜଯୋଗ ପ୍ରଭୃତି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଯୋଗ ସହିତ ସମାଜସେବାରେ ପାରଙ୍ଗମ ପାଇଁ ଡିପ୍ଲୋମା, ପିଜି ଡିପ୍ଲୋମା ଓ ସ୍ନାତୋକତୋର ପାଠ୍ୟକ୍ରମରେ ସ୍ୱତନ୍ତ୍ର ଶିକ୍ଷା ଉପାଦାନ ପ୍ରସ୍ତୁତ କରାଯାଇଥିବା ସେ ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଏଥିରେ ଉପସ୍ଥିତ ରହି ଶିବିରରେ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ୭ ଦିନ ଧରି ଚାଲିବାକୁ ଥିବା ଏହ ଶିବିରରେ ରେମୁଣାର କନକଦୁର୍ଗା ମନ୍ଦିରରେ ଚାରାରୋପଣ, ରେମୁଣା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଯୋଗ ଶିକ୍ଷା ପ୍ରଦାନ ଓ ରକ୍ତଦାନ ଶିବିର ଅୟୋଜନ ଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଶ୍ରୀମତୀ ଦାସ ସୂଚନା ଦେଇଥିଲେ। ଅଧ୍ୟାପିକା ଅନୀତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଧ୍ୟାପକ ଅଭିଷେକ ଦାସ ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ବନ୍ଧୁମିଳନ

**ବାଲେଶ୍ୱର, ୧୩।୧(ସମିସ):** ରାଜ୍ୟ ଅବସରପାପ୍ତ କର୍ମଚାରୀ ସଂଘର ବନ୍ଧୁମିଳନ ଉତ୍ସବ ସଂଘ ସଭା ଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଇଂ ବନମାଳୀ ନାୟକ ସଭାପତିତ୍ୱ କରିଥିଲେ। ବସନ୍ତ ନାୟକ ସଂଘର ବିବରଣୀ ପାଠ କରିଥିବାବେଳେ ଦାମୋଦର ନାୟକ ଅର୍ଥ ସମ୍ବନ୍ଧୀୟ ବିବରଣୀ ପାଠ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ପ୍ରାକ୍ତନ ସଭାପତି ଧୀରେନ୍ଦ୍ର ନାରାୟଣ ଦାସ, ଉପସଭାପତି ପୁଷ୍ପଲତା ମହାନ୍ତି, ସଂଗଠନ ସମ୍ପାଦକ ସୁଜିତ ଜେନା ଉପସ୍ଥିତ ହୋଇଥିଲେ। ଡ. ରମାକାନ୍ତ ବେହେରା, ଡ. କ୍ଷୀତିଶ୍ୱର ଦାଶ, ପୂର୍ବଚନ୍ଦ୍ର ଓଝା, ଜ୍ୟୋତିଷ ଚନ୍ଦ୍ର କର, ନବକିଶୋର ଦାସ, ଶିଶିର ରଥ, କୁମୁଦ ରଞ୍ଜନ ଗିରି, ଯୋଗେନ୍ଦ୍ର ନାଥ ସିଂ, ପ୍ରଫୁଲ୍ଲ ଦାସ, ଶୋଭନା ମିଶ୍ର, ଅକ୍ଷୟ ତ୍ରିପାଠୀ, ଜଳଧର ପଣ୍ଡା, ଜ୍ଞାନେନ୍ଦ୍ର ନାଥ ସାହୁ, ଅରୁଣା ରାୟ, ବାସନ୍ତୀ ପାଣି, ପଦ୍ମଲୋଚନ ଦତ୍ତ, ନିରଞ୍ଜନ ପରିଡ଼ା, ରମେଶ ଚନ୍ଦ୍ର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଦୁଇ ଦିନିଆ ଶ୍ରୀ ହନୁମାନ ଚାଳିଶା ନାମଯଜ୍ଞ



**ବାଲେଶ୍ୱର, ୧୩।୧(ସମିସ):** ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ପରିସରରେ ଦୁଇ ଦିନିଆ ହନୁମାନ ଚାଳିଶା ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ହୋମକାର୍ଯ୍ୟ, ସମୂହ ଦୀପଦାନ, ଆରତୀ ସହିତ ସୁନ୍ଦରାକାଣ୍ଡ ପାରାୟଣ ପରିବେଷଣ କରାଯାଇଥିଲା। ଜିଲ୍ଲା ହନୁମାନ ଚାଳିଶା କମିଟିର ଆବାହକ ଅନ୍ତର୍ଯ୍ୟାମୀ ପ୍ରଧାନ, ଅଭୟ ଦାସ, ଅନୀଲ ଦାସ, ରାମକୃଷ୍ଣ ବେହେରା, ରବୀନ୍ଦ୍ର ବେହେରାଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।

## ୫୯ ୟୁନିଟ୍ ରକ୍ତ ସଂଗ୍ରହ

**ବାଲେଶ୍ୱର, ୧୩।୧(ସମିସ):** ହଳଦୀପଦାସ୍ଥିତ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ୩୦ତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ଉଦଘାଟନୀ ଅବସରରେ ଶିଶୁ ଏବଂ କିଶୋର ଲେଖନୀ କର୍ମଶାଳା ଓ ଅଭିଭାବକ କର୍ମଶାଳା ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ଏକ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠାତା ଡ ବ୍ରଜଗୋପାଳ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ରକ୍ତଦାନ ଶିବରରେ ଉଦ୍‌ଘାଟକ ଭାବେ ଜିଲ୍ଲା ରକ୍ତ ଭଣ୍ଡାରର ମୁଖ୍ୟ ଡ ବସନ୍ତ ଉପାଧ୍ୟାୟ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଭଗବାନ ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପିଙ୍ଗାବଣିଆ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବିଜୟ ଜୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ବାଞ୍ଛାନିଧି ଦେ ଯୋଗଦେଇ ନିଜର ମତ ରଖିଥିଲେ। ପ୍ରାରମ୍ଭରେ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁଷ୍ଠାନର ସଭାପତି ମହେନ୍ଦ୍ର ସାହୁ ଓ ସମ୍ପାଦକ ଅନୀଲ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସାଗର ସାହୁ, ଶଶିକାନ୍ତ ସାହୁ, ତପନ ସାହୁ, ଚନ୍ଦନ ସାହୁ, ଶୁଭଙ୍କର ସାହୁ, ନନ୍ଦନ ବେହେରା, ସୁବିନାଶ ବେହେରା, ଗଣେଶ ସାହୁ, ସନ୍ତୋଷ ସାହୁ, ଦେବାଶିଷ ସାହୁ, ଦେବବ୍ରତ ସାହୁ, ରାଜେନ୍ଦ୍ର ମହାଳିକ, ନିତ୍ୟାନନ୍ଦ ସାହୁ, ଅଭିଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ମୋଟ ୫୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ରକ୍ତ ଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ।




## ଯୁଧିଷ୍ଠିର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲେଶ୍ୱର/ଭେଲୋରା, ୧୩।୧(ସମିସ):** ଭୋଲୋରା ସ୍ଥିତ ରଘୁନାଥପୁର ଗ୍ରାମ ପଞ୍ଚାୟତ ଅଧୀନ ଗିଲାଯୋଡି ଯୁଧିଷ୍ଠିର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ବଳରାମ ସ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ଶିକ୍ଷକ ନେତା ରମେଶ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ବସ୍ତା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦିଲ୍ଲୀପ ଦାସମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ଦେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ଅସୀତ ଦାସ, ବସନ୍ତ ସାହୁ, ଆଲୁମିନି ସଭାପତି ରଘୁନାଥ ସାହୁ, ଏସଏମସି ସଭାପତି ଭଗୀରଥ ସାହୁ ଓ ହରି ନାରାୟଣ ସାହୁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶିକ୍ଷକ ମାଧବାନନ୍ଦ ବେହେରା ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷୟିତ୍ରୀ ସଞ୍ଜିତା ଜେନା ବିବରଣୀ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅଶ୍ୱିନୀ ଭଦ୍ର ବେଦ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ମାଧବାନନ୍ଦ ବେହେରା ଓ ମମତା ଦାସଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଉତ୍ସବକୁ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ପରିଚାଳନା କରିଥିଲେ।

● ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବାଲେଶ୍ୱର ଗସ୍ତ

## ଯାତ୍ରୀ ନିବାସ ନିର୍ମାଣ ପାଇଁ ୫୦ ଲକ୍ଷ ଘୋଷଣା



**ବାଲେଶ୍ୱର, ୧୩।୧(ସମିସ):** କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୁଇ ଦିନିଆ ଜିଲ୍ଲା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଜିଲ୍ଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ପ୍ରଥମେ ରେମୁଣା ସ୍ଥିତ ବିଶ୍ୱପ୍ରସିଦ୍ଧ କ୍ଷୀରଚୋରା ଗୋପିନାଥ ମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ସେଠାରେ ସ୍ଥାନୀୟ ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁଙ୍କ ସହ ଆଲୋଚନା କରିଥିଲେ। ମନ୍ଦିରକୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ଏକ ଯାତ୍ରୀ ନିବାସର ଆବଶ୍ୟକତାକୁ ହୃଦୟଙ୍ଗମ ସହ ଏଥିପାଇଁ ୫୦ଲକ୍ଷ ଟଙ୍କାର ଅନୁଦାନ ରାଶି ଘୋଷଣା କରିଥିଲେ। ପରେ ରେମୁଣା ବଜାରସ୍ଥିତ ହନୁମାନ କଲ୍ୟାଣ ମଣ୍ଡପରେ କେନ୍ଦ୍ର ସରକାରଙ୍କ ବିକାଶିତ ଭାରତ ଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଲୋକସଭା ସାଂସଦ ପ୍ରତାପ ଷଡଙ୍ଗୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପରେ ସେଠାରୁ ସେ ନୀଳଗିରି ଗସ୍ତ କରିଥିଲେ।

# 'ଜୟ ଜଗନ୍ନାଥ' ଅର୍ପଣ ରଥର ପରିକ୍ରମା





**ବାଲେଶ୍ୱର, ୧୩।୧(ସମିସ):**

ଶ୍ରୀକ୍ଷେତ୍ର ପୁରୀ ଠାରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପରେ ଲୋକାର୍ପଣ ଉତ୍ସବକୁ ଲୋକାଭିମୁଖୀ ପାଇଁ ସମଗ୍ର ରାଜ୍ୟରେ ଚାଲିଥିବା ଅର୍ପଣ ରଥ ମାଧ୍ୟମରେ ଶ୍ରଦ୍ଧାଳୁଙ୍କ ନିକଟରୁ ମାନସିକ ଭାବେ ଅରୁଆ ଚାଉଳ ଓ ଗୁଆ ପ୍ରଭୃତି ସଂଗ୍ରହ କରାଯାଉଛି। ଏହି କ୍ରମରେ ବାଲେଶ୍ୱର ପୌରପାଳିକା ପକ୍ଷରୁ ବିଭିନ୍ନ ୱାର୍ଡ ପାଇଁ ୫ଟି ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ୧୮ ନଂ ୱାର୍ଡରେ ଏନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ସହ ରଥ ୱାର୍ଡ ପରିକ୍ରମା କରିଛି। ସ୍ଥାନୀୟ ଝାଡେଶ୍ୱର ମନ୍ଦିର ସାମନାରେ ଅର୍ପଣ ରଥକୁ ବାଲେଶ୍ୱର ପୌରପରିଷଦର ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ କାଉନସିଲର ଅର୍ପିତା ପ୍ରିୟଦର୍ଶିନୀ ଏଥିରେ ଉପସ୍ଥିତ ରହି ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଅର୍ପଣ ରଥର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଉତ୍ସବରେ ଜନ ଜାଗରଣ ଉଦ୍ଦେଶ୍ୟରେ ପ୍ରତ୍ୟେକ ଓଡିଆଙ୍କୁ



ସାମିଲ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ସମସ୍ତଙ୍କୁ ପ୍ରେରଣା ଦେଉଛି ବୋଲି ଶ୍ରୀମତୀ ପଟ୍ଟନାୟକ କହିଥିଲେ। ଆସନ୍ତା ୧୭ ତାରିଖ ଘରେ ଘରେ ଶ୍ରଦ୍ଧାର ସହିତ ଉତ୍ସବକୁ ପାଳନ ପାଇଁ ଶ୍ରୀମତୀ ପଟ୍ଟନାୟକ ସମସ୍ତଙ୍କୁ ନିବେଦନ କରିଥିଲେ। ବାଲେଶ୍ୱର ପୌର ପରିଷଦର କାଉନସିଲର ମୀତା ପଟ୍ଟନାୟକ, ସବିତା ରାଣୀ ଦାସ, ମୀରାଜ ବାନୋ, ଶେଖ ଆୟୁବ, ସୁନିଆ ମୁର୍ମୁ, ପୂର୍ବତନ କାଉସିଲର ଧନଞ୍ଜୟ ଜେନା, ସାକିର ଖାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ବାସିନ୍ଦା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ, ଗୁଆ ଓ ପଇସା ପ୍ରଭୃତି ଦେଇଥିଲେ। ଭଜନ କୀର୍ତ୍ତନ ସହ ଏହି ରଥ ଝାଡେଶ୍ୱର ମନ୍ଦିରରୁ ବାହାରି ନୂଆବଜାର, ଫାଣ୍ଡିଛକ, ନେଳିଆବାଗ, ରାଣୀପାଟଣା, ଅରଡବଜାର ପ୍ରଭୃତି ଅଞ୍ଚଳ ପରିକ୍ରମା କରିଥଲା। ଯୁବନେତା ଶେଖ ଅନସର, ଧୀରେନ ନାୟକ, ଅକ୍ଷୟ ନାୟକ, ପ୍ରକାଶ ଚନ୍ଦ୍ର ମହାନ୍ତି, ନିରଞ୍ଜନ ପରିଡ଼ା, ପୂରବୀ ପଟ୍ଟନାୟକ ପ୍ରମୁଖଙ୍କ ସହ ୧୮ ନଂ ୱାର୍ଡ ବାସିନ୍ଦା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

୯ନଂ ୱାର୍ଡରେ ମଧ୍ୟ ଏହି ରଥ ପରିକ୍ରମାକରିଛି। ସ୍ଥାନୀୟ ପଡୁଆଁପଦା ପୂଜାମଣ୍ଡପଠାରେ ଅର୍ପଣ ରଥ ପରିକ୍ରମାକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଓ ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ କାଉନସିଲର ସଞ୍ଜିବ ଦାସ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ସହିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଅର୍ପଣ ରଥର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ପୌର ପରିଷଦର କାଉନସିଲର ପ୍ରୀତିଲତା ସେଠୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ବାସିନ୍ଦା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ, ଗୁଆ ଓ ପଇସା ପ୍ରଭୃତି ଦେଇଥିଲେ। ଶତାଧିକ ମହିଳାଙ୍କ ଗହଣରେ ଭଜନ କୀର୍ତ୍ତନ ସହ ଏହି ରଥ ୯ ୱାର୍ଡର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲ।

# ପ୍ରତିଭା ବିକାଶ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ



**ବାଲେଶ୍ୱର, ୧୩।୧(ସମିସ):** ପ୍ରତିଭା ବିକାଶ ଟ୍ରଷ୍ଟ ପକ୍ଷରୁ ନୀଳଗିରିର ବାଘମରା ଓ ରିଙ୍ଗପୁର ଗ୍ରାମରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୋଡାଶୋଳାଠାରେ ଶତାଧିକ ଆଦିବାସୀ ପରିବାରଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଟ୍ରଷ୍ଟ ସଭାପତି ହରେକୃଷ୍ଣ ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ରଘୁନାଥ ପ୍ରଧାନ, ସଞ୍ଜୀବ ନାୟକ, ଜ୍ୟୋତିର୍ମୟୀ ସାମଲ, ସଙ୍ଘମିତ୍ରା ମହାନ୍ତି, ରଶ୍ମିତା ବିଶ୍ୱାଳ, ଭାବଗ୍ରାହୀ ମହାନ୍ତି, ସୌରୀ ରଞ୍ଜନ ପରିଡ଼ା, ଶଙ୍କର ଦିଣ୍ଡା ଓ ସାହିରୁଲ୍ ହକ୍ ପ୍ରମୁଖ ଉପସ୍ଥିତ ଥିଲେ। ମନୋଜ ପରିଡ଼ା, ସୁକାନ୍ତ ସିଂ, କାଳନ୍ଦୀ ସିଂ ଓ ପରମାନନ୍ଦ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ




**ବାଲେଶ୍ୱର, ୧୩।୧(ସମିସ):** ଏଆଇଡ଼ିଏସଓ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ବ୍ୟାସକବି ଫକୀରମୋହନଙ୍କ ୧୮୧ତମ ଜୟନ୍ତୀ ପାଳନ କରାଯାଇଛି। ଏହି ଉପଲକ୍ଷେ ମଲ୍ଲିକାଶପୁରରେ ଥିବା ଶାନ୍ତିକାନନରେ ଜିଲ୍ଲା କମିଟି ସମ୍ପାଦକଙ୍କ ନେତୃତ୍ୱରେ ଏଆଇଡ଼ିଏସଓ କର୍ମକର୍ତ୍ତା ଓ ଶିକ୍ଷକମାନେ ସମବେତ ହୋଇଥିଲେ। ପ୍ରଥମେ ଅଧ୍ୟାପକ ହରିଶ୍ଚନ୍ଦ୍ର ପୃଷ୍ଟି ଓ ଗୋପବନ୍ଧୁ ପାତ୍ର ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରଶାନ୍ତ ଦାସ ଫକୀରମୋହନଙ୍କ ଜୀବନ ସଂଗ୍ରାମ ଉପରେ ସ୍ମୃତିଚାରଣ କରି କହିଥିଲେ ଯେ, ଫକୀରମୋହନ ହେଉଛନ୍ତି ଭାରତର ନବଜାଗରଣ ଯୁଗର ଅନ୍ୟତମ ପୁରୋଧା। ତାଙ୍କର ଜୀବନ ସଂଗ୍ରାମରୁ ଶିକ୍ଷା ନେଇ ଆଜିକାର ଦିନରେ ସମାଜରେ ଦେଖା ଦେଇଥିବା ସମସ୍ତ ପ୍ରକାର କୁସଂସ୍କାର ଅନ୍ଧବିଶ୍ୱାସ ଓ ଅନ୍ୟାୟ ବରୋଧରେ ସ୍ୱର ଉତ୍ତୋଳନ କରିବା ଦରକାର। ଅନ୍ୟମାନଙ୍କ ମଧ୍ୟରେ ଜ୍ରୁଙ୍ଗା ବାନରା, ଅର୍ଚ୍ଚିତା ବାରିକ ସବିତା ସିଂ, ଦୟାନନ୍ଦ ଶତପଥୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଭୁବନେଶ୍ୱରରେ ଆଦୃତ ବାଲେଶ୍ୱର ପତ୍ରକଳା






**ବାଲେଶ୍ୱର, ୧୩।୧(ସମିସ):**

- **ସିଆଳି ପତ୍ରରୁ ଟୋପି , ଖଜୁରୀ ଓ ତାଳପତ୍ରରୁ ପାରମ୍ପରିକ ହସ୍ତକଳା**
- **ଖଜୁରୀ ଓ ତାଳପତ୍ରରୁ ବିଭିନ୍ନ ଖେଳନା**

ଭୁବନେଶ୍ୱରରେ ଆଦୃତ ହେଉଛି ବାଲେଶ୍ୱରର ପତ୍ର ଶିଳ୍ପ (ଲିଫ୍ କ୍ରାଫ୍ଟ୍)। ଏହି ପତ୍ର ହସ୍ତକଳାକୁ ମେଳାରେ ଲୋକମାନେ ବେଶ ପସନ୍ଦ କରିବା ସହ କିଣୁଛନ୍ତି ମଧ୍ୟ। ଭୁବନେଶ୍ୱରର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଜାତୀୟ ଆଦିବାସୀ ନୃତ୍ୟ ଓ ହସ୍ତକଳା ମେଳାରେ ଓଡ଼ିଶାର ବାଲେଶ୍ୱର ଲିଫ୍ କ୍ରାଫ୍ଟ୍ ନାମରେ ଏକ ଷ୍ଟଲ୍ ଖୋଲିଛି। ଯେଉଁଠି ସିଧା ପ୍ରସ୍ତୁତି ମଣ୍ଡପରେ ପ୍ରଦର୍ଶନ ଓ ବିକ୍ରୟ ପ୍ରଦର୍ଶନ କରାଯିବା ସମୟରେ ଜନାଦୃତ ହେଉଥିବା ଦୃଶ୍ୟମାନ ହେଉଛି।

ଜନଜାତି ଅଧ୍ୟୁଷିତ ନୀଳଗିରି ବ୍ଲକ ମହିଷାପଟ୍ଟା ପଞ୍ଚାୟତ ଅଧୀନ ସଠିଲୋବଲବଲିଆ ରାଜସ୍ୱ ଗ୍ରାମର ଶାଳବଣୀ ଓ ଡମ୍ବରୁଘାଟି ପଡ଼ାଗ୍ରାମର ଭୂମିଜ ଜନଜାତିଙ୍କ ବଂଶାନୁକ୍ରମିକ ସିଆଳି ପତ୍ରର ଟୋପି ଏବଂ ଖଜୁରୀ ପତ୍ର ଓ ତାଳପତ୍ରରୁ ପ୍ରସ୍ତୁତ ପାରମ୍ପରିକ ବଂଶାନୁକ୍ରମିକ ପତ୍ର ହସ୍ତକଳାକୁ 'ବଣ ଧୂଳିର ଫୁଲ' ନାମକ ଏକ ଟ୍ରଷ୍ଟ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ ଜାରି ରଖିଛି। ଏହି ଜନଜାତିର କଳାକାରମାନେ ସାଧାରଣତଃ ଦିନ ମଜୁରିଆ ଓ ଚାଷବାସ କରି ଜୀବନଯାପନ କରିଥାନ୍ତି। ପାରମ୍ପରିକ ଭାବେ ସିଆଳି ପତ୍ରରୁ ପ୍ରସ୍ତୁତ ଟୋପି ଚାଷବାସ ସମୟରେ ଓ ଜଙ୍ଗଲରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିବା ସମୟରେ ଖରା ବର୍ଷାରୁ ରକ୍ଷାପାଇବା ନିମନ୍ତେ ବ୍ୟବହାର କରିଥାନ୍ତି। ଖଜୁରୀ ପତ୍ର ଓ ତାଳପତ୍ରରୁ ବିଭିନ୍ନ ଖେଳନା ତିଆରି କରି ପିଲାମାନେ ଖେଳିଥାନ୍ତି ଓ ବୟସ୍କ ଲୋକମାନେ ବିଶେଷତଃ ମହିଳାମାନେ ଏହି ପତ୍ର ହସ୍ତକଳା ସାମଗ୍ରୀରେ ଘର ସଜାଇଥାନ୍ତି। ଏହି ପତ୍ର ହସ୍ତକଳାକୁ ସେମାନେ ବଂଶାନୁକ୍ରମିକ ଭାବେ ଆଗରୁ କେବେବି ରୋଜଗାରର ମାଧ୍ୟମ ଭାବେ ଗ୍ରହଣ କରି ନ ଥିଲେ।

ଏହି ଭୂମିଜ ଜନଜାତିଙ୍କ ପତ୍ର ହସ୍ତକଳାକୁ ୨୦୧୮ ନଭେମ୍ବରରେ ଭୁବନେଶ୍ୱର ଆଦିବାସୀ ସଂଗ୍ରହାଳୟ ପରିସରରେ ଆୟୋଜିତ ଜାତୀୟ ଜନଜାତି ହସ୍ତକଳା ମେଳାରେ ପ୍ରଥମ ଥର ପାଇଁ ଅନୁସୂଚିତ ଜାତି ଓ ଅଧିସୂଚିତ ଜନଜାତି ଗବେଷଣା ଓ ତାଲିମ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅଖିଳ ବିହାରୀ ଓତାଙ୍କ ସୁପାରିଶକ୍ରମେ ବଣ ଧୂଳିର ଫୁଲ ଓ ନୀଳଗିରି ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ମିଳିତ ଉଦ୍ୟମରେ ପ୍ରଦର୍ଶନ କରାଯାଇଥିଲା। ପରେ ଏହି ପତ୍ର ହସ୍ତକଳା ଭୁବନେଶ୍ୱରରେ ଆୟୋଜିତ ଜାତୀୟ ଆଦିବାସୀ ମେଳାରେ ସିଧା ପ୍ରସ୍ତୁତି ପ୍ରଦର୍ଶନରେ ପ୍ରଥମ ପୁରସ୍କାର ପାଇଛି। କରୋନା ବିଶ୍ୱ ମହାମାରୀ ଏହି ବିଲୁପ୍ତପ୍ରାୟ ପତ୍ର ହସ୍ତକଳାର ମୂଲ୍ୟ ବୃଦ୍ଧି ପ୍ରକ୍ରିୟାରେ ବାଧକ ସାଜିଥିଲା। ଏହାପରେ ଅନୁସୂଚିତ ଜାତି ଓ ଅଧିସୂଚିତ ଜନଜାତି ଗବେଷଣା ଓ ତାଲିମ ଅନୁଷ୍ଠାନର ନିର୍ଦ୍ଦେଶକଙ୍କ ସୁପାରିଶ କ୍ରମେ ବଣ ଧୂଳିର ଫୁଲ ଓ ନୀଳଗିରି ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥାଙ୍କ ମିଳିତ ଉଦ୍ୟମରେ ଅନେକ ବାର ଆଦିବାସୀ ହସ୍ତକଳା ମେଳାରେ ବାରମ୍ବାର ସିଧାସଳଖ ତିଆରି ମଣ୍ଡପରେ ଏବଂ ଷ୍ଟଲରେ ପ୍ରଦର୍ଶନ ଓ ବିକ୍ରୟ ସମୟରେ ଜନାଦୃତ ହେଉଥିବା ଦୃଷ୍ଟିଗୋଚର ହେଉଛି। ଆହୁରି ମଧ୍ୟ ସା ପରିଚୟ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଆଦିବାସୀ ମେଳାରେ ମଧ୍ୟ ଏହା ଜନାଦୃତ ହେବାର ଦେଖାଯାଇଛି। ଯଦି ଏହି ପତ୍ର ହସ୍ତକଳାକାରଙ୍କୁ ବିଭିନ୍ନ ପ୍ରକାର ତାଲିମ ଓ ନମୁନା ବିକାଶ ତାଲିମ, ବଜାର କାରବାର ଓ ଉଦ୍ୟୋଗ ବିକାଶ ତାଲିମ ଯୋଗାଇଦେବା ସହିତ ଆନୁଷଙ୍ଗିକ ହାତ ତିଆର, ମୂଳଧନ ପାଣ୍ଠି ଯୋଗାଇ ଦିଆଯିବ ତେବେ ଏହି ବିଲୁପ୍ତପ୍ରାୟ ଭୂମିଜ ଜନଜାତିଙ୍କ ପତ୍ର ହସ୍ତକଳା ଆଗାମୀ ଦିନରେ ସେମାନଙ୍କର ଏକ ପ୍ରମୁଖ ଆୟ ପନ୍ଥା ହୋଇପାରିବାର ସମ୍ଭାବନା ସୃଷ୍ଟି କରିପାରିବ ବୋଲି 'ବଣ ଧୂଳିର ଫୁଲ'ର ଅଧ୍ୟକ୍ଷ ବିଜୟ ଆଚାର୍ଯ୍ୟ ଓ ଭୂମିଜ ଜନଜାତିର ପତ୍ର ହସ୍ତକଳାକାରମାନେ ମତ ପ୍ରକାଶ କରିଛନ୍ତି।

# ଜଳେଶ୍ୱର ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**ଜଳେଶ୍ୱର ବ୍ଲକ, ୧୩।୧(ସମିସ):** ଜଳେଶ୍ୱର ମହିଳା ମହାବିଦ୍ୟାଳୟର ୩୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଶନିବାର ଅପରାହ୍ନରେ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବରେ ମହା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବରିଷ୍ଠ ଆଇନଜୀବୀ ଚିନ୍ମୟ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ, ସମ୍ମାନୀତ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗ ଦେଇଥିଲେ। ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ ଦେ ବାର୍ଷିକ ବିବରଣୀ ପାଠ କରିଥିଲେ। +୩ ମହା ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ ମଞ୍ଚ ଆହ୍ୱାନ କରିଥିବା ବେଳେ ଅଧ୍ୟାପିକା ସୁଷମା ଚାନ୍ଦ ବେଦ ପାଠ କରିଥିଲେ। ବାଚସ୍ପତିଙ୍କୁ ଡକ୍ଟର ଲିପ୍ସା ଦାସ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାପକ ରମାକାନ୍ତ ଭଞ୍ଜ, ଜୟନ୍ତୀ ପ୍ରଧାନ, ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଶିକ୍ଷାର୍ଥୀ ଉତ୍ସବରେ ଅଂଶ ଗ୍ରହଣ କରିଥିଲେ।

# କପିଳମୁନି ଗୁରୁକୁଳ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲେଶ୍ୱର, ୧୩।୧(ସମିସ):** ରେମୁଣା କଲେଜ ନିକଟସ୍ଥ କପିଳମୁନି ଗୁରୁକୁଳ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଭାପତି ସର୍ବେଶ୍ୱର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ, ମୁଖ୍ୟ ବକ୍ତା ଭାବେ ରେମୁଣା ଏନଏସି ଉପାଧ୍ୟକ୍ଷ ଆଇସାନ୍ ଖାଁ, ବରେଣ୍ୟ ଅତିଥି ଭାବେ ପଞ୍ଚାନନ ଶତପଥୀ, ସ୍ୱରୂପ ଦାସ, ଦୁଷ୍ମନ୍ତ ଦାସ, ପ୍ରଦୀପ କୁମାର ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଗଦାଧର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଦ୍ୟାଳୟର ଶିକ୍ଷକ ଗୋପାଳକୃଷ୍ଣ ବିଶ୍ୱାଳ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନରତଡ଼ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗଗନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାସ, ଲୋରି ଲିପ୍ସା ସାହାଣୀ, ତପସ୍ୱିନୀ ବେଦାନ୍ତଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରୀଙ୍କ ଦ୍ୱାରା 'କାହକୁ କହିବା ଆଜିର ଶିକ୍ଷା' ନାଟକ ମଞ୍ଚସ୍ଥ ହୋଇଥିଲା।



# ଚତୁର୍ଥ ପର୍ଯ୍ୟାୟରେ ୭୬ ଉଚ୍ଚ ବିଦ୍ୟାଳୟ ରୂପାନ୍ତର




**ବାଲେଶ୍ୱର, ୧୩।୧(ସମିସ):** ରାଜ୍ୟ ସରକାରଙ୍କ ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟରେ ବାଲେଶ୍ୱର ଜିଲ୍ଲାର ୭୬ ଗୋଟି ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଲୋକାର୍ପଣ କରିଛନ୍ତି। ସଦର ବ୍ଲକର ଶ୍ରୀରାମପୁର ପଞ୍ଚାୟତସ୍ଥିତ ଗୁଣ୍ଡୁରୀପଦା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହି ଶିକ୍ଷାନୁଷ୍ଠାନ ଗୁଡିକୁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ସଦର ବିଧାୟକ ସ୍ୱରୂପ ଦାସ କହିଛନ୍ତି ଯେ ରୂପାନ୍ତରୀକରଣ ପ୍ରକ୍ରିୟା ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ। ଏହା ଆଗାମୀ ଦିନରେ ଓଡ଼ିଶାର ଯୁବପିଢିଙ୍କ ବିକାଶ ତଥା ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହା ସହିତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହିତ ଆଭାସୀ ମାଧ୍ୟମରେ ବାର୍ତ୍ତାଳାପ କରି ଗୁଣ୍ଡୁରୀପଦା ଉଚ୍ଚବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ପ୍ରିୟଙ୍କା ପ୍ରଧାନ ଭବିଷ୍ୟତରେ ଜଣେ ଆଇପିଏସ୍ ଅଧିକାରୀ ହେବାର ସ୍ୱପ୍ନ ବିଷୟରେ ଜଣାଇଛନ୍ତି। ସ୍ମାର୍ଟ ଶ୍ରେଣୀଗୃହ ଓ ଭିତ୍ତିଭୂମିର ଗୁଣବତ୍ତା ବିକାଶ କରାଯାଇଛି। ପ୍ରତ୍ୟେକ ବିଦ୍ୟାଳୟରେ ଇ ଲାଇବ୍ରେରୀ ଓ ପଠନ କକ୍ଷ ସମେତ ଆଧୁନିକ ବିଜ୍ଞାନ ଲେବୋରେଟୋରି ଗଠନ କରାଯାଇଛି। ନିରାପଦ ଏବଂ ବିଶୁଦ୍ଧ ପାନୀୟ ଜଳ, ସ୍ୱଚ୍ଛ ଶୌଚାଳୟ, ସର୍ବୋତ୍ତମ ଖେଳ ସୁବିଧା ସହିତ ଖେଳ ପଡ଼ିଆକୁ ନବୀକରଣ ମଧ୍ୟ ଏହି ପ୍ରକଳ୍ପ ଅଧୀନରେ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଅନନ୍ତ ଦାସ, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରକାଶଯୋଗ୍ୟ, ରୂପାନ୍ତରଣ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ପ୍ରଥମ ପର୍ଯ୍ୟାୟରେ ୨୩, ଦ୍ୱିତୀୟ ପର୍ଯ୍ୟାୟରେ ୧୩୫ ଓ ତୃତୀୟ ପର୍ଯ୍ୟାୟରେ ୨୩୩ଟି ବିଦ୍ୟାଳୟ ରୂପାନ୍ତରିତ ହୋଇସାରିଛି।

**ଶାନ୍ତିକାନନରେ ୪ଦିନ ବ୍ୟାପୀ ହେବ ସାହିତ୍ୟ ଉତ୍ସବ**

# ସମ୍ବର୍ଦ୍ଧିତ ହେବେ ରାଜ୍ୟର ୨୦ ସାରସ୍ୱତ ପ୍ରତିଭା

**ବାଲେଶ୍ୱର, ୧୩।୧(ସମିସ):**

ବ୍ୟାସକବି ଫକୀରମୋହନଙ୍କ ୧୮୨ତମ ଜୟନ୍ତୀ ଓ ପରିଷଦର ୭୭ତମ ବାର୍ଷିକ ଉତ୍ସବ ଶାନ୍ତିକାନନ ପରିସରରେ ୪ ଦିନ ବ୍ୟାପୀ ପାଳନ କରାଯିବ। ରବିବାର ଅପରାହ୍ଣ ୪ଟାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଅଶ୍ୱିନୀ ପାତ୍ର ଉତ୍ସବକୁ ଉଦ୍‌ଘାଟନ କରିବେ। ଏଥିରେ ବିଧାୟକ ସ୍ୱରୂପ ଦାସ, ଡ. ପ୍ରହ୍ଲାଦ ଚରଣ ମହାନ୍ତି, ବ୍ରିଟ୍ ଅଧ୍ୟକ୍ଷ ଆଲୋକ ସାହୁ ଓ ପ୍ରାବନ୍ଧିକ ଡ. କୈଳାସ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗଦେବେ। ସୋମବାର ପୂର୍ବାହ୍ନରେ ଫକୀରମୋହନ ଜୟନ୍ତୀ ଅବକାଶରେ ରାଜ୍ୟ ଯୋଜନା ବୋର୍ଡ଼ର ସଦସ୍ୟ ପ୍ରଫେସର ପ୍ରସନ୍ନ ପାଟ୍ଟଶାଣୀ, କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶନ୍ଦେ ଓ ଯଶସ୍ୱୀ ଔପନ୍ୟାସିକ ଭାଗିରଥୀ ଦାସ ଅତିଥ ଭାବେ ଯୋଗ ଦେବେ। ଏହି ଅବସରରେ ପରିଷଦର ମୁଖପତ୍ର 'ସାହିତ୍ୟବାହିକା' ଉନ୍ମୋଚିତ ହେବ। ଓଡ଼ିଶାର ୨୦ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ। ସୋମବାର ୩ଟାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ମିଳିତ ଆନୁକୂଲ୍ୟରେ ଆଲୋଚନା ସଭାରେ ଡ. ମନୋରମା ବିଶ୍ୱାଳ ମହାପାତ୍ର, ଡ. ମଥୁରାନାଥ ହୋତା ଓ ଡ. ରବୀନ୍ଦ୍ର ବିହାରୀ ଆଲୋଚକ ଭାବେ ଯୋଗ ଦେବେ। ୫ଟାରେ ଫକୀରମୋହନଙ୍କ ସମ୍ପର୍କରେ ଏକ ଆଲୋଚନା ଚକ୍ରରେ ଡ. ଭାଗବତ ପ୍ରସାଦ ଦାସ, ନିବାରଣ ଜେନା, ରଞ୍ଜନ ବାଗ, ଡ. ସୁକାନ୍ତ ଗିରି, ଶ୍ରୁତି ଦାସ ଓ ବିଷ୍ଣୁ ପ୍ରସାଦ ମହାନ୍ତି ଚର୍ଚ୍ଚା କରିବେ। ମଙ୍ଗଳବାର ଅପରାହ୍ନ ୩ଟାରେ କବିତା ପାଠୋତ୍ସବରେ ଅଞ୍ଜଳି ପଣ୍ଡା ଓ ସୁଚରିତା ମହାରି ଅତିଥି ଭାବେ ଯୋଗଦେବେ। ତନୁଜା ପଣ୍ଡା ଓ ମଧୁସୂଦନ ମିଶ୍ର କବିତା ସଂଯୋଜନା କରିବେ। ବୁଧବାରରେ ଉଦ୍‌ଯାପନ ଉତ୍ସବରେ ପୌରାଧ୍ୟକ୍ଷା ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ରେବତୀ ସମ୍ପାଦିକା ସୁବାସିନୀ ଜେନା, ରାଜନୀତିଜ୍ଞ ନବଜ୍ୟୋତି ପଟ୍ଟନାୟକ ଓ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ଅତିଥି ଭାବରେ ଯୋଗ ଦେବେ। ଏହି ଅବସରରେ ଫକୀରମୋହନ ସଙ୍ଗୀତର ଗାୟିକା ଅନିନ୍ଦିତା ଦାସ ଓ ଊର୍ମିଳା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ୪ ଦିନରେ ନାୟିକା ନାଟ୍ୟାନୁଷ୍ଠାନ ଦ୍ୱାରା 'ସୁଅ', 'ସ୍ରଷ୍ଟା ଦ୍ୱାରା 'ଉଗ୍ରସେନ ଓବାଚ', ଫକୀରମୋହନ ସାହିତ୍ୟ ପରିଷଦ ଦ୍ୱାରା 'ମତେ ରାଣୀ ବନେଇ ଦିଅ' ଓ ସାଧନା ଶିକ୍ଷା ପରିଷଦ ଦ୍ୱାରା 'ପିତୃପୂଜା' ମଞ୍ଚସ୍ଥ ହେବ। ଶେଷ ଦିନରେ ନନ୍ଦକିଶୋର ଦାସ ଓ ସାଥୀଙ୍କ ଦ୍ୱାରା ତବଲା ଓ ସନ୍ତୁର ଯୁଗଳବନ୍ଦୀ ତଥା କଣ୍ଠଶିଳ୍ପୀ ଦେବାଶିଷ ମହାନ୍ତିଙ୍କ ଦ୍ୱାରା ଆଧୁନିକ ସଙ୍ଗୀତ ପରିବେଷଣ କରାଯିବ। ଏହି ଅବସରରେ ୩୩ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ।

# ଆଳଦିଆ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ

**ବାଲେଶ୍ୱର, ୧୩।୧(ସମିସ):** ବାଲେଶ୍ୱର ସଦର ବ୍ଲକ ଆଳଦିଆ ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଜାତୀୟ ଯୁବ ଦିବସ ପାଳିତ ହେଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ସଙ୍ଗୀତା ମିଶ୍ର ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇ ବିବେକାନନ୍ଦଙ୍କ ପରି ଜଣେ ଭଲ ମଣିଷ ହେବା ପାଇଁ ନିଜ ବକ୍ତବ୍ୟରେ କହିଥିଲେ। ତେବେ ଏହି ଦିବସ ଉପଲକ୍ଷେ ସ୍ୱାମୀ ବିବେକାନନ୍ଦଙ୍କ ଉପରେ ବକ୍ତୃତା, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବନିତା ରାଣୀ ତୋଳା ଧନ୍ୟବାଦ ପ୍ରଦାନ କରିଥିଲେ।

# ମଦ କାରବାରରେ ଜଣେ ଗିରଫ

**ସୋର, ୧୩।୧(ସମିସ):** ସୋର ପୁଲିସ ପକ୍ଷରୁ ଥାଳସଡା ଏବଂ ବାରିକପୁର ହାଟରେ ଚଢ଼ଉ କରାଯାଇଛି। ବିପୁଳ ପରିମାଣର ଦେଶୀମଦ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ଫେରାର ହୋଇଯାଇଛି। ସୋର ଥାନାଧିକାରୀ ପ୍ରଭାଂଶ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଥାଳସଡା ଗ୍ରାମର ବୈକୁଣ୍ଠ ଜେନା ଘରେ ଚଢ଼ଉ କରିଥିଲେ। ସେଠାରୁ ୨୦ ଲିଟର ଦେଶୀମଦ ଜବତ କରିବା ସହ ବୈକୁଣ୍ଠଙ୍କୁ ପୁଲିସ ଗିରଫ କରିଥିଲା। ସେହିପରି ବାରିକପୁର ହାଟ ନିକଟରେ ଦୀର୍ଘ ଦିନ ଧରି ମଦ ବ୍ୟବସାୟ କରୁଥିବା ପଶ୍ଚିମବଙ୍ଗ ପୂର୍ବ ମେଦିନପୁର ଜିଲ୍ଲା କଣ୍ଟେଇ ଥାନା ପଶ୍ଚିମଖୁଶବନି ଗ୍ରାମର ହବୁ ପାତ୍ର ନିକଟରୁ ୧୨୦୦ ଲିଟର ଦେଶୀ ମଦ ଜବତ ହୋଇଛି। ହବୁ କୌଶଳକ୍ରମେ ଘଟଣା ସ୍ଥଳରୁ ଚମ୍ପଟ ମାରିଛି। ଏହି ଚଢଉରେ ଏସଆଇ ସୂର୍ଯ୍ୟନାରାୟଣ ନାୟକ, ଇତିପ୍ରିୟା ଦାସ, ଏଏସଆଇ ନନ୍ଦକିଶୋର ବିଶ୍ୱାଳ, ସୁନୀଲ ରାଜ, କନଷ୍ଟେବଲ ମାହା ହେମ୍ବ୍ରମ, ନସିବ ମହାନ୍ତି, ଅରୁଣ ମାଝୀ, ସଦା ମୁଦୁଲି ଓ ଜୟସେନ ମୁଦୁଲି ପ୍ରମୁଖ ସାମିଲ ହୋଇଥିଲେ।

ଅମୁନି ଧଳାଜହର କାରବାର

# ଡିଲ୍ ପଏଣ୍ଟ ନଦୀକୂଳ, ରିଂରୋଡ୍

- ଜାମିନରେ ଥିବା ବେପାରୀ ମାଷ୍ଟରମାଇଣ୍ଡ
- ସାବାଡ ହେଉନାହାନ୍ତି ନିଶା ମାଫିଆ
- ଅବକାରୀ ବିଭାଗ ସ୍ଥାଣୁ

**ଜଳେଶ୍ୱର, ୧୩।୧(ସମିସ):** ବ୍ରାଉନସୁଗାର(ଧଳା ଜହର) କାରବାରର ପେଣ୍ଠସ୍ଥଳ ପାଲଟିଛି ରାଜ୍ୟର ଉପାନ୍ତବର୍ତ୍ତୀ ଅଞ୍ଚଳ ଜଳେଶ୍ୱର। ଜଳେଶ୍ୱର ଦୀର୍ଘଦିନ ହେବ ବ୍ରାଉନସୁଗାର କାରବାରୀଙ୍କ ମୁଖ୍ୟ କ୍ରୟ ବିକ୍ରୟ ତଥା ବିତରଣ କେନ୍ଦ୍ର ପାଲଟିଛି। ପୁଲିସର ବାରମ୍ବାର ପ୍ରୟାସ ସତ୍ତ୍ୱେ ଏହି କାରବାର ଥମିବାର ନାଁ ଧରୁନାହିଁ। ଏପରିକି ଏହି କାରବାରରେ ସମ୍ପୃକ୍ତ ଥିବା କିମ୍ବା ପୁଲିସ ହାତରେ ଧରାପଡ଼ି ବର୍ଷାଧିକାଳ ଜେଲ୍‌ରେ ରହି ସର୍ତ୍ତମୂଳକ ଜାମିନରେ ଆସିଥିବା କୁଖ୍ୟାତ ମାଫିଆ ସରଳ ଜୀବନଯାପନ କରିବାର ଢଙ୍ଗ ଦେଖାଇ ନୂଆ ତରିକାରେ ବେପାର ଚଳାଉଛନ୍ତି। ବିଶେଷକରି ମହିଳା ଓ ଯୁବପିଢ଼ିଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଇ ଏହି ବେପାରରେ ସାମିଲ କରୁଛନ୍ତି। ନିଜ ଆତ୍ମୀୟ ସ୍ୱଜନଙ୍କ ନାଁରେ ଜଳେଶ୍ୱର ବ୍ୟତୀତ ରାଜ୍ୟ ତଥା ରାଜ୍ୟ ବାହାରେ କୋଟି କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ବଢ଼ାଇବାରେ ଲାଗିଛନ୍ତି। ବିଶେଷକରି ଚଢ଼ଉ ଭୟରେ ନିଜ ତଥା ନିଜ ପରିବାର ବର୍ଗଙ୍କ ନାଁରେ ନାମିତ ଜଳେଶ୍ୱର ଅଞ୍ଚଳରେ ଥିବା ଭୂ ସମ୍ପତ୍ତିକୁ ତରବରିଆ ଭାବେ ନିଜର ଅତି ଖାସ ଲୋକଙ୍କ ନାମରେ ବିକ୍ରି କବଲା କିମ୍ବା ଲିଜ୍ ଡିଡ୍ କରିଦେଉଛନ୍ତି। ଜଳେଶ୍ୱର ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷକରି ସୁବର୍ଣ୍ଣରେଖା ନଦୀ କୂଳରେ ନିର୍ମାଣ ଚାଲିଥିବା ରିଂ ରୋଡ଼ର ବିଭିନ୍ନ ସ୍ଥାନ ଏବେ ଏହି କାରବାରର ଡିଲ୍ ପଏଣ୍ଟ ହୋଇଛି। ସଂଧ୍ୟା ହେଲେ ରାଜ୍ୟ ଓ ରାଜ୍ୟ ବାହାରର ଛୋଟ ବଡ଼ ବେପାରି ଏହି ଡିଲ ପଏଣ୍ଟରେ ପହଞ୍ଚି ବ୍ରାଉନସୁଗର କିଣାବିକା କରୁଛନ୍ତି। କିଛି କୁଖ୍ୟାତ ମାଫିଆଙ୍କ ପରିବାର ଓ ସମ୍ପର୍କୀୟ ଏହି କାରବାରକୁ ଏକ କୌଳିକ ବୃତ୍ତି ଭାବେ ଆପଣେଇ ନେବା ଫଳରେ ଜଳେଶ୍ୱର ଅଞ୍ଚଳରୁ ଏହାକୁ ନିପାତ କରିବା ପୁଲିସ ପ୍ରତି ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏପରିକି ମାଫିଆମାନେ ତାଙ୍କ ଘର ଆଖପାଖରେ ମହିଳାଙ୍କୁ ସଜାଗ ରଖି ପୁଲିସ ଚଢ଼ଉ ସମୟରେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଏ ନେଇ ଜଳେଶ୍ୱର ଥାନା ଆଇଆଇସି ରଞ୍ଜନ ସେଠୀ କହିଛନ୍ତି ଯେ, ତାଙ୍କର ୪ ମାସ କାର୍ଯ୍ୟକାଳ ଭିତରେ ୪ଟି ମାମଲାରେ ପ୍ରାୟ ୧ କୋଟି ଟଙ୍କା ମୂଲ୍ୟର ୯୫୭ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ୬ରୁ ଊର୍ଦ୍ଧ୍ୱ ବେପାରୀ ତଥା ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଏଥିସହିତ ଲକ୍ଷାଧିକ ଟଙ୍କା, ମୋବାଇଲ, ବାଇକ ଓ କାର ଜବତ୍ କରାଯାଇଛି। ଆଗକୁ ଏହି ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରାଯିବ। ବ୍ରାଉନସୁଗର ମାଫିଆଙ୍କୁ ନିସ୍ତାର ଦିଆଯିବ ନାହିଁ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ତେବେ ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲୀପ ସାହୁଙ୍କ ତତ୍ତ୍ୱାବଧାନରେ ଗତ ଏକ ବର୍ଷ ମଧ୍ୟରେ ବିଭିନ୍ନ ଥାନା ଅଞ୍ଚଳରେ ପ୍ରାୟ ୨ କୋଟି ଟଙ୍କା ମୂଲ୍ୟର ବ୍ରାଉନସୁଗାର ଜବତ କରାଯିବା ସହ ୧୭ଟି ମାମଲା ରୁଜୁ କରାଯାଇ ୨୦ରୁ ଅଧିକ ବେପାରୀ ତଥା ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ ଅବକାରୀ ବିଭାଗ କିନ୍ତୁ ସ୍ଥାଣୁ ପାଲିଟିଛି।

● ଆରପାରିରେ ବାପା, ମା'

# ଗଙ୍ଗା, ଯମୁନା ଅସହାୟ


୮୦ ବର୍ଷର ଜେଜେ ମା' ଭରସା
୩୫ କିଲୋ ଚାଉଳ, ୫ଶହ ଟଙ୍କା ଭତ୍ତା ଭରସା

**ବାଲେଶ୍ୱର ଦକ୍ଷିଣ, ୧୩।୧(ସମିସ):** ଦୁଃଖ ଏମିତି ବି ଆସେ। କଅଁଳ ବୟସରେ ବାପା, ମା' ଛେଉଣ୍ଡ ହୋଇଗଲେ ଯାଆଁଳା ଭଉଣୀ। ତେବେ ସେହି ଦୁଃଖ ଭିତରେ ବି ଅସହାୟତାର ଉପହାସକୁ ବେଖାତିର କରି ଜୀବନ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି ଦୁଇ ଭଉଣୀ। ଛୋଟ ପାନ, ବିସ୍କୁଟ ଦୋକାନଟିଏ କରି ପାଠ ପଢୁଛନ୍ତି ଆଉ ପରିବାର ଚଳାଉଛନ୍ତି। ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ତଳନଗର ପଞ୍ଚାୟତ ହାବେଳି ଗଣ୍ଡତରା ଗାଁର ଦୁଇ ଭଉଣୀ ଗଙ୍ଗା ଓ ଯମୁନାଙ୍କ ଏହି କାହାଣୀ।

ଦୁହିଁଙ୍କ ବୟସ ୯ବର୍ଷ ହୋଇଥିବା ବେଳେ ବାପା, ମାଆଙ୍କୁ ହରାଇଥିଲେ। ଦୁଇ ଭଉଣୀ ଏବେ ୮୦ ବର୍ଷର ଜେଜେମାଆ ପାଖରେ ରହୁଛନ୍ତି। ଉଭୟ ନବମ ଶ୍ରେଣୀରେ ପାଠ ପଢୁଛନ୍ତି; ହେଲେ ଅର୍ଥ ଅଭାବ ସେମାନଙ୍କ ପାଇଁ ବାଟ ଓଗାଳୁଛି। ବୁଢ଼ୀ ମାଆ ଏବେ ୫ ଶହ ଟଙ୍କା ଭତ୍ତା ପାଉଥିବା ବେଳେ ୩୫ କିଲୋ ଚାଉଳ ପାଉଛନ୍ତି। ଏତିକି ସମ୍ବଳରେ ୩ ଜଣ ଚଳିବା ସମ୍ଭବପର ନୁହେଁ। ଏଣୁ ଓଳିଏ ଖାଇଲେ ଓଳିଏ ଉପବାସ ରହି ଜୀବନ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ଘର ପାଖରେ ଛୋଟ ଦୋକାନଟିଏ କରି ସାମାନ୍ୟ କିଛି ରୋଜଗାର କରୁଛନ୍ତି। ଗାଁ ଲୋକ ଓ ଘର ପାଖର ସମ୍ପର୍କୀୟ ମାମୁଁ ଅସୁବିଧାରେ ପଡ଼ିଲେ ସାହାର୍ଯ୍ୟ କରୁଛନ୍ତି। ଗୋଟିଏ ପଟେ ବାପା, ମାଆଙ୍କୁ ହରାଇବାର ଦୁଃଖ ଆଉ ଅନ୍ୟପଟେ ପେଟର ଭୋକକୁ ନେଇ ପରିସ୍ଥିତିକୁ ସମ୍ମୁଖୀନ କରି ଆଗକୁ ବଢୁଛନ୍ତି ଦୁଇ ଯାଆଁଳା ଭଉଣୀ। ଉଭୟ ଏବେ ଭଲ ପାଠ ପଢୁଥିବା ବେଳେ ଅର୍ଥ ଅଭାବ ହେତୁ ଠିକ ଭାବେ ପାଠ ପଢ଼ିପାରୁନାହାନ୍ତି। ପଢ଼ିବାକୁ ଇଚ୍ଛା ଥିଲେ ମଧ୍ୟ ସେମାନଙ୍କ ଇଚ୍ଛା ଇଚ୍ଛାରେ ରହିଯାଉଛି। ଦାରିଦ୍ର୍ୟତା ସେମାନଙ୍କ ପାଇଁ ଯେମିତି ପଥ ରୋକି ଦେଇଛି।

# ବସ୍ତାକୁ ଭୁଲିଗଲେ ପ୍ରତାପ

**ବସ୍ତା ବ୍ଲକ, ୧୩।୧(ସମିସ):** ଆଗକୁ ସାଧାରଣ ନିର୍ବାଚନ। ବିଭିନ୍ନ ରାଜନୈତିକ ଦଳ ନିର୍ବାଚନ ପାଇଁ ସଜବାଜ ହେଉଛନ୍ତି। ଏହି ସମୟରେ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀରେ ନିଜ କାର୍ଯ୍ୟର ରିପୋର୍ଟ କାର୍ଡର ପେଡ଼ି ଖୋଲିଛନ୍ତି। ତେବେ ବସ୍ତା ଅଞ୍ଚଳକୁ ସେ ଭୁଲିଯାଇଥିବା ଆଲୋଚନା ହେଉଛି। ଏହାକୁ ନେଇ ବସ୍ତା ନିର୍ବାଚନ ମଣ୍ଡଳୀବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

୨୦୧୯ ସାଧାରଣ ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବସ୍ତାରେ ଏକ ନିର୍ବାଚନୀ ସଭା କରି ପ୍ରତାପ ଷଡ଼ଙ୍ଗୀଙ୍କୁ ବିଜୟୀ ପାଇଁ ମନ୍ତ୍ର ଫୁଙ୍କିଥିଲେ। ଜଣେ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ଥିବା ପ୍ରତାପ ଲୋକଙ୍କ ଆସ୍ଥା ଓ ଭରସାକୁ ଜିଣି ବିଜୟୀ ହୋଇଥିଲେ। ଇତି ମଧ୍ୟରେ ତାଙ୍କ କାର୍ଯ୍ୟକାଳ ସରିବାକୁ ବସଲାଣି; ମାତ୍ର ତାଙ୍କ ରିପୋର୍ଟ କାର୍ଡରେ ବସ୍ତା ନିର୍ବାଚନ ମଣ୍ଡଳୀର ବସ୍ତା ଓ ବାଲିଆପାଳ ବ୍ଲକର ବିକାଶର ନାଁ ଗନ୍ଧ ନାହିଁ। ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ବସ୍ତା ନିର୍ବାଚନ ମଣ୍ଡଳୀ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ବହୁ ସମସ୍ୟାରେ ଜର୍ଜରିତ ବସ୍ତା ଅବହେଳାର ଶିକର ହୋଇ ଆସିଛି। ଗତ ୪ ବର୍ଷ ଭିତରେ ପ୍ରତାପଙ୍କ ଦ୍ୱାରା ସେମିତି କିଛି ଆଖି ଦୃଶିଆ କାର୍ଯ୍ୟ ହୋଇ ନାହିଁ। ରେଳବାଇ କ୍ଷେତ୍ରରେ ବସ୍ତା ପ୍ରତାରଣାର ଶିକାର ହୋଇଛି। ଦିନକୁ ଦିନ ଭାରତ ବର୍ଷର ବିଭିନ୍ନ ଷ୍ଟେସନରେ ନୂଆ ଟ୍ରେନ ରହଣି ହେଉଛି। ବସ୍ତା ଷ୍ଟେସନରେ କିନ୍ତୁ ବର୍ଷ ବର୍ଷ ଧରି ଛିଡା ହୋଇ ଆସୁଥିବା ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ ଓ ଇଷ୍ଟ କୋଷ୍ଟ ଏକ୍ସପ୍ରେସ ରହଣୀକୁ ବାତିଲ କରାଯାଇଛି। ବାରମ୍ବାର ଦାବି ସତ୍ତ୍ୱେ ପ୍ରତାପ ଲୋକଙ୍କ ସମସ୍ୟାକୁ ସୁଧାରିବାରେ ଅସମର୍ଥ ହୋଇଛନ୍ତି। ସେହିପରି ଲୋକେ ଯାତାୟାତ ସମସ୍ୟାରେ ଦୁର୍ଦ୍ଦଶା ଭୋଗୁଛି। ବସ୍ତା ଷ୍ଟେସନ ଦକ୍ଷିଣ କ୍ୟାବିନ୍ ନିକଟରେ ଏକ ଓଭର ବ୍ରିଜ ପାଇଁ ବାରମ୍ବାର ଦାବି ହେଉଛି। ସେଥିପ୍ରତି ସାଂସଦଙ୍କ ଦୃଷ୍ଟି ପଡ଼ିନାହିଁ। ଷ୍ଟେସନ ଉନ୍ନତି ଓ ନୂଆ ଟ୍ରେନ ମିଳିବା ଦୂରର କଥା ଦୁଇଟି ଏକ୍ସପ୍ରେସର ବସ୍ତା ଷ୍ଟେସନ ରହଣୀକୁ ବାତିଲ କରି ପ୍ରତାପ ବସ୍ତାବାସୀଙ୍କ ବିଶ୍ୱାସ ସହ ଖେଳି ଥିବା ବେଶ ଚର୍ଚ୍ଚା ହେଉଛି। ସାଂସଦଙ୍କ ପାଣ୍ଠିରୁ ବି ସେମିତି କିଛି କିଛି ଲାଭ ବସ୍ତାବାସୀ ପାଇ ନ ଥିବା ଅଭିଯୋଗ ହୋଇଛି। ୪ ବର୍ଷ ମଧ୍ୟରେ ସାଂସଦ ବସ୍ତା ପଞ୍ଚାୟତ ସମିତିର ଗୋଟିଏ ବୈଠକ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ୨ ବର୍ଷ ପୂର୍ବେ ବସ୍ତା ଷ୍ଟେସନକୁ କେବଳ ସରକାରୀ ଗସ୍ତରେ ଆସିଥିଲେ। ବସ୍ତାରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଭରସା କରି ଲୋକେ ପ୍ରତାପଙ୍କୁ ଭୋଟ୍ ଦେଇଥିଲେ। ଏ ଅଞ୍ଚଳର ବିକାଶ ପ୍ରତି କିନ୍ତୁ ପ୍ରତାପ ଦୃଷ୍ଟି ନ ଦେବା ଆସନ୍ତା ନିର୍ବାଚନରେ ପ୍ରତିଫଳନ ଦେଖିବାକୁ ମିଳିବ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

● ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ଆଦିଭାଷା ସଂସ୍କୃତ ହିଁ ସଂସ୍କୃତିକୁ ରୁଦ୍ଧିମନ୍ତ କରେ'



**ଭୋଗରାଇ, ୧୩।୧(ସମିସ):** ଦେବଭାଷା ସଂସ୍କୃତ ସମସ୍ତ ଭାଷାର ଜନନୀ। ବେଦ, ଉପନିଷଦ, ଗୀତା, ମହାଭାରତ, ରାମାୟଣ, ପୁରାଣ, ବୈଦିକ କର୍ମକାଣ୍ଡ ଭଳି ଅଧିକାଂଶ ଆଧ୍ୟାତ୍ମିକ ଓ ପୌରାଣିକ ରଚନା ସହିତ ବହୁ କାବ୍ୟ, କବିତା, ଉପନ୍ୟାସ, ଚିକିତ୍ସା ଶାସ୍ତ୍ର, ବାସ୍ତୁ ଶାସ୍ତ୍ର ଆଦି ସଂସ୍କୃତ ଭାଷାରେ ରଚିତ। ସଂସ୍କୃତ ବିନା ସମାଜ ସଂସ୍କାର, ସାମାଜିକ ଶୃଙ୍ଖଳା ଓ ସଂସ୍କୃତିର ବିକାଶ ଅସମ୍ଭବ। ଆଦିଭାଷା ସଂସ୍କୃତ ହିଁ ସଂସ୍କୃତିକୁ ରୁଦ୍ଧିମନ୍ତ କରେ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବରେ ଏହି ମତ ପ୍ରକାଶ ପାଇଛି।

ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ ଯୋଗ ଦେଇ ଛାତ୍ରଛାତ୍ରୀ ଦେଶ ତଥା ସମାଜ ବିକାଶର ଅଗ୍ରଦୂତ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଅବସରପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜୟକୃଷ୍ଣ ଦତ୍ତ ଯୋଗ ଦେଇ ସମାଜ ଓ ସଂସ୍କୃତି ବିକାଶରେ ସଂସ୍କୃତ ଭାଷାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲମଣିଷ ହେବା ସହ ଦେଶ ଓ ସୁସ୍ଥ ସମାଜ ଗଠନରେ ସାରଥୀ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୋଗରାଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସୁନାଧରବସାଣ ସରପଞ୍ଚ ଦିଲ୍ଲୀପ ଦତ୍ତ, ପଞ୍ଚାୟତ ସମିତି ସଦସ୍ୟାଙ୍କ ପ୍ରତିନିଧି ଜଗବନ୍ଧୁ ଜେନା, ପ୍ରାକ୍ତନ ଦେହୁର୍ଦ୍ଦା ସରପଞ୍ଚ ରମାକାନ୍ତ କରଣ, ଛାତ୍ର ସଂସଦ ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ସମୀର ନନ୍ଦ, ଛାତ୍ର ସଂସଦ ସାଧାରଣ ସମ୍ପାଦକ ଶିବଶଙ୍କର ପରାମାଣିକ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ସୁଶାନ୍ତ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ର ସଂସଦ ସଭାପତି ଆନନ୍ଦ ଭଞ୍ଜ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲା ବେଳେ ଅଧ୍ୟାପକ ବିନୋଦ ବିହାରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପଦ୍ମଲୋଚନ ପଣ୍ଡା, ଅଧ୍ୟାପକ କହ୍ନେଇଲାଲ ଧରୁଆ, ଅଧ୍ୟାପକ ବିନୋଦ ବିହାରୀ ଜେନା, ଅଧ୍ୟାପିକା ବର୍ଷା କର, ଅଧ୍ୟାପିକା ମୋନାଲିସା ଦାସ, ଡିଇଓ ଅର୍ଦ୍ଧେନ୍ଦୁ ମୁଖାର୍ଜୀ, ଅଣଶିକ୍ଷକ କର୍ମଚାରୀ ବିନୟକୃଷ୍ଣ ଦାସ ଓ ଶକ୍ତିମାନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଏବଂ ବିଭିନ୍ନ ବିଭାଗର ଶ୍ରେଣୀରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ସହିତ ଟ୍ରଫି ଓ ବିଭିନ୍ନ ପାଠ୍ୟପୁସ୍ତକ ଦେଇ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଜାତୀୟ ଯୁବ ଦିବସରେ ବିବେକାନନ୍ଦଙ୍କ ଗୁଣଗାନ

**ରାଜବରହମପୁର, ୧୩।୧(ସମିସ):** ନୀଳଗିରି ଉପଖଣ୍ଡ ବରହମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁଥ୍ ରେଡ଼କ୍ରସ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଗୁଣଗାନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଡ. ଅମର ନାଥ ସ ଏଥିରେ ଅଧ୍ୟକ୍ଷତା କରିଥ ଜାତୀୟ ଯୁବ ଦିବସ ବିଷୟରେ ଆଲୋକପାତ କରିଥିଲେ। ଯୁଥ୍ ରେଡ଼କ୍ରସର କାଉନସିଲର ବିଜୟ ଜେନା, ଓଡ଼ିଆ ଅଧ୍ୟାପକ ସମୀର ମହାପାତ୍ର ମଞ୍ଚାସୀନ ଥିଲେ। ଶେଷରେ ଅଧ୍ୟାପିକା ଗୀତାରାଣୀ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ତାପସ ରଞ୍ଜନ ବେହେରା, ଅନିଲ ସିଂ, ଅଧ୍ୟାପିକା ତନୁସ୍ମିତା ସାହୁ, ପ୍ରମୁଖ ପରିଚାଳନାରେ ସହଯୋହ କରିଥିଲେ।

**ଜଳେଶ୍ୱର ବ୍ଲକ:** ଜଳେଶ୍ୱର ବ୍ଲକ ବର୍ଦ୍ଧନାସ୍ଥିତ ଉତ୍ସବ ଚରଣ ଗାଜିଆଣୀ ଚଣ୍ଡୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ରେଡ ରିବନ କ୍ଲବ୍ ଆନୁକୂଲ୍ୟରେ ଏହା ପାଳିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀ ଗାଁ ପରିକ୍ରମା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ହରିଶଙ୍କର ଦାସଙ୍କ ସଭାପତିତ୍ୱରେ ଅଧ୍ୟାପକ ହେମନ୍ତ ସାହୁ, ଜଗନ୍ନାଥ ନନ୍ଦୀ, ଅଧ୍ୟାପିକା ଗୀତା ରାଣୀ ନାଏକ, ସୁସ୍ମିତା ଦାସ ଓ ସୁନିଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ପରେଶ ଚନ୍ଦ୍ର କାମିଳା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଡ଼କ ସୁରକ୍ଷା କର୍ମଶାଳା

**ବାଲେଶ୍ୱର, ୧୩।୧(ସମିସ):** ବାଲେଶ୍ୱର ପୁଲିସ ପଡ଼ିଆରେ ଅନୁଷ୍ଠିତ ହେଉଥିବା କୋଶମ୍ବ ମହୋତ୍ସବ ପରିସର ପାର୍ଶ୍ୱ ସମ୍ମିଳନୀ କକ୍ଷରେ ସଡକ ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହେଇଯାଇଛି। ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ସଚେତନତା ଉପରେ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜିତ ଦଳବେହେରା ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ପୁରସ୍କାର ସ୍ୱରୂପ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବ୍ୟକ୍ତି ବିଶେଷଙ୍କୁ ୨୦୦୦, ୧୫୦୦ ଓ ୧୦୦୦ଟଙ୍କା ଅର୍ଥରାଶି ସହ ହେଲମେଟ ପ୍ରଦାନ କରିଥିଲେ। ସେହିଭଳି କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି, ସାର୍ଟିଫିକେଟ ଏବଂ ହେଲମେଟ ପ୍ରଦାନ କରାଯାଇଥିଲା।। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଉପସ୍ଥିତ ଥିଲେ।

# ତଲାଡରେ ସାମ୍ବାଦିକଙ୍କ ବନ୍ଧୁ ମିଳନ



**ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର/ଚୌକି, ୧୩।୧(ସମିସ):** ଭୋଗରାଇ ବ୍ଲକ ବ୍ଲକ କଖଡ଼ା ପଞ୍ଚାୟତ ତଲାଡ଼ିସ୍ଥିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦୁର୍ଗା ଦାସଙ୍କ ବାସଭବନରେ ସାମ୍ବାଦିକମାନଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଗୌତମବୁଦ୍ଧ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ବରିଷ୍ଠ ସାମ୍ବାଦିକ ସୁବାସ ଦାସ, ପ୍ରଦୀପ ଦାସ, ଦିଲ୍ଲୀପ ଦାସ, ସରିତସ୍ୱପନ ପଣ୍ଡା, ଗଣେଶ ବେହେରା, ଅନନ୍ତ ପ୍ରଧାନ, ରାଧାକାନ୍ତ ପ୍ରଧାନ, ଦିଲ୍ଲୀପ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଶମ୍ଭୁନାଥ ଦାସ, ଶିଶିର ପ୍ରଧାନ, ପ୍ରଦୀପ ମହାନ୍ତି, ନିମାଇ ଚରଣ ପାତ୍ର, ଦିଲ୍ଲୀପ ଦାସ, ଜଗନ୍ନାଥ ଗିରି, ବିଶ୍ୱଜିତ ମହାନ୍ତି, ସୁରେଶ ମହାନ୍ତି, ହରିପଦ ସାହୁ ପ୍ରମୁଖ ସାମ୍ବାଦିକ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ସାମ୍ବାଦିକ ବିଶ୍ୱମ୍ବର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

# 'ଭାରତୀୟ ସଂସ୍କୃତି ଆଜି ବିକୃତ'


ଖଇରା


ବାଲିଆପାଳ

**ଖଇରା, ୧୩।୧(ସମିସ):** ଅନ୍ତରା-ମହତୀପୁର ବାଇଧର ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିରେନ୍ଦ୍ର ପଣ୍ଡା ଯୋଗ ଦେଇ ଭାରତୀୟ ସଂସ୍କୃତି ବିକୃତିରେ ପରିଣତ ହୋଇଛି। ଏବେ ସମାଜରେ ଅଜ୍ଞାନ ମୁଖ୍ୟ ଶତ୍ରୁ ପାଲଟିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର ପୂର୍ବତନ ସଭାପତି ପଦ୍ମଲୋଚନ ଦାସ, ରାଧାକାନ୍ତ ପଣ୍ଡା, ସରପଞ୍ଚ ରଶ୍ମିତା ଜେନା, ସମିତିସଭ୍ୟା ସବିତାରାଣୀ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଖିଲାର ଓ ସୁରେନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଓଷ୍ଟା ସଭାପତି ଦିନବନ୍ଧୁ ଦାଶ, ପରିଚାଳନା କମିଟି ସଭାପତି ପ୍ରମୋଦ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଷଡାନନ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଶିକ୍ଷକ ବସନ୍ତ ବିଶ୍ୱାଳ ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିଭଳି ଖଇରା ବ୍ଲକ ଅଧୀନ ରଟିଣାସ୍ଥିତ ପ୍ରହଲ୍ଲାଦ ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ


ଖଇରା

ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଏବିଇଓ ହେମନ୍ତ ମିଶ୍ର ମୁଖ୍ୟ ଅତିଥି, ଇଂରାଜୀ ଅଧ୍ୟାପକ ବନମାଳୀ ବାରିକ ମୁଖ୍ୟବକ୍ତା, ବ୍ଲକ ଓଷ୍ଟା ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର, ପୂର୍ବତନ ପ୍ରଧାନଶିକ୍ଷକ ସୁଦର୍ଶନ ସାହୁ, ପୁରାତନ ଛାତ୍ର ପରିଷଦ ସଭାପତି ପ୍ରଫୁଲ୍ଲ ମହାନ୍ତି, ସରପଞ୍ଚ ବାସନ୍ତୀଲତା ମହାନ୍ତି, ପରିଚାଳନା କମିଟି ସଭାପତି ରାଧାଶ୍ୟାମ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ନିରଞ୍ଜନ ଦାଶ ବିବରଣୀ ପାଠ କରିଥିବାବେଳେ ବିଜୟଲକ୍ଷ୍ମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବାଲିଆପାଳ: ବାଲିଆପାଳ ବ୍ଲକ ଜଗାଇସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଓ 'ନୂଆ-ଓ' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ହରପ୍ରିୟା ଦାଶ ସଭାପତିତ୍ୱ କରିଥିବା ବେଳେ ଭୂମିକନ୍ୟା, 'ରେବତୀ' ପତ୍ରିକାର ସମ୍ପାଦିକା ତଥା ଓଡ଼ିଶା ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରିଣୀ ସଭାପତି ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ କେଦାରନାଥ ମହାନ୍ତି ମୁଖ୍ୟ ବକ୍ତା, ବରେଣ୍ୟ ଅତିଥି ଭାବେ ପରିଚାଳନା ସମିତିର ସଭାପତି ନାରାୟଣ ଦାସ, ଜିଲ୍ଲା ପରିଷଦ ବେଣୁଧର ଜେନା, ମୁଖ୍ୟ ନୋଡାଲ ଅଫିସର ଅଧ୍ୟାପକ ପ୍ରଭାତ ଜେନା, କ୍ରୀଡା ନୋଡାଲ ଅଫିସର ଅଧ୍ୟାପକ ବିଜୟ ଜେନା, ପ୍ରାଧ୍ୟାପକ ବିଶ୍ୱମ୍ବର ଜେନା, ସାଂସ୍କୃତିକ ନୋଡାଲ ଅଫିସର ଅଧ୍ୟାପକ ଦୟାନିଧି ସାହୁ ଯୋଗ ଦେଇଥିଲେ। ଅଧ୍ୟାପକ ଦୟାନିଧି ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ପ୍ରାଧ୍ୟାପକ ଶଙ୍କର ମଣ୍ଡଳ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ବାରିକ, ଅଧ୍ୟାପକ ଶଙ୍କର୍ଷଣ ପାଣିଗ୍ରାହୀ, ପ୍ରାଧ୍ୟାପକ ବିଶ୍ୱମ୍ବର ଜେନା, ଅଧ୍ୟାପକ ପ୍ରଭାତ ଜେନା, ଅଧ୍ୟାପକ ବିଜୟ ଜେନା, ଅଧ୍ୟାପକ ଦୟାନିଧି ସାହୁ, ବଙ୍କିମ୍ ଚନ୍ଦ୍ର କରଣ, ବିଜୟ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟଅପକ ରାଧାକାନ୍ତ ମହାନ୍ତି କୃତଜ୍ଞତା ଜ୍ଞାପନ କରିଥିଲେ।

## ସିଭିଲ୍ କୋର୍ଟ ନୂତନ ଗୃହ ଶିଳାନ୍ୟାସ

**କରଞ୍ଜିଆ,୧୩।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଯଶିପୁରରେ ସିଭିଲ କୋର୍ଟ ର ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ। ପ୍ରଥମ ପର୍ଯ୍ୟାୟରେ ୪କୋଟି ୮୧ ଲକ୍ଷ ବ୍ୟୟ ଅଟକଳ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜଣାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହାଇକୋର୍ଟର ବିଚାରପତି ଦେବବ୍ରତ ଦାସ, ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଏହି ଗୃହ ନିମନ୍ତେ ଯଶିପୁର ଥାନା ନିକଟରେ ୩ ଏକର ଜମି ଚିହ୍ନଟ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଜଜ ଅରବିନ୍ଦ ପଟ୍ଟନାୟକ, କରଞ୍ଜିଆ ଏଡିଜେ ପ୍ରଶାନ୍ତ କୁମାର ମିଶ୍ର, ସବ୍‌ଜଜ ଶଙ୍କ ଚକ୍ରବର୍ତ୍ତୀ, କରଞ୍ଜିଆ ଏସ୍‌ଡିଜେଏମ୍ ସାଲମୀ ସାହୁ, ଯଶିପୁର ସିଭିଲ କୋର୍ଟ ଜଜ ବିଦ୍ୟୁତ୍ ଲତା ପ୍ରଧାନ, କରଞ୍ଜିଆ ଡିଏଫ୍‌ଓ ଶ୍ରୀକାନ୍ତ ନାଏକ, ଏସ୍‌ଡିପିଓ ସୁବ୍ରତ କୁମାର, ଯଶିପୁର ଥାନା ଆଇଆଇସି ସଞ୍ଜୁକ୍ତା ମାହାଲିକ, କରଞ୍ଜିଆ ଓକିଲ ସଭାପତି ବାଞ୍ଛାନିଧି ପୃଷ୍ଟି, କରଞ୍ଜିଆ ଓ ଯଶିପୁର କୋର୍ଟର ସମସ୍ତ ଓକିଲ କର୍ମଚାରୀ ଓ ଯଶିପୁର ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଓ ପ୍ରତିଯୋଗିତା

**କୁଆମରା,୧୩।୧(ସମିସ):** ଗୋପବନ୍ଧୁ ନଗର ବ୍ଲକ କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଓ ମାଆମାନଙ୍କ ମଧ୍ୟରେ ଶଙ୍ଖ ଫୁଙ୍କା, ମ୍ୟୁଜିକ ଚେୟାର ଓ ମାଣବସା ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିରୁ ୨୨ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ମିତ୍ରପୁର ସଂକୁଳର ବାଟିକା ପ୍ରମୁଖ ବାବାଜିଚରଣ ବାରିକ ଉଦଘାଟନ କରିଥିଲେ। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅତଶୀ ପଣ୍ଡା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଶିକ୍ଷକ ନୀଳାମ୍ବର ଦ୍ୱିବେଦୀ, ବିଦ୍ୟାଳୟର ସହ ସଂପାଦକ ମନମୋହନ ମହାପାତ୍ର, ବିଦ୍ୟୁତ ପରିସଦର ସଦସ୍ୟ ଉଜ୍ଜ୍ୱଳ କୁମାର ସେନ୍ ପ୍ରମୁଖ ଯୋଗ ଦେଇ ମାଆମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଧତା ଉପରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ମହାପାତ୍ର ଓ ସଂପାଦକ କୁଳମଣି ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ପୂର୍ବତନ ତହସିଲଦାରଙ୍କ ବିୟୋଗରେ ଶୋକ

**କୁଆମରା,୧୩।୧(ସମିସ):** ଗୋପବନ୍ଧୁ ନଗର ତହସିଲର ପୂର୍ବତନ ତହସିଲଦାର ତଥା ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକର କାର୍ଯ୍ୟରତ ବିଡିଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ଅକାଳ ବିୟୋଗରେ ଆଜି ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ପୁରୁଣା ବାରିପଦାଠାରେ ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୁଣାବାରିପଦା ପଞ୍ଚାୟତ ସରପଞ୍ଚ ଭୋଳାନାଥ ସିଂଙ୍କ ସମେତ ପ୍ରେସ କ୍ଲବର ସଦସ୍ୟ ଚିତ୍ତରଞ୍ଜନ ଦଳେଇ, ହିରେନ ରାୟ, ଶାନ୍ତନୁ କୁମାର ମଡୁଆଳ, ଯୋଗେଶ୍ୱର ସାହୁ, ବିଶ୍ୱଜିତ ଦାଶ, ଜୟନ୍ତ କୁମାର ସ, ସଂପାଦକ କୁମାର ବାବୁଲି, ସମ୍ବିତ ରାଉତ, ଦୀପକ କୁମାର ଚୌଧୁରୀ, ରଞ୍ଜନ କୁମାର ମଡୁଆଳ, ସୂର୍ଯ୍ୟକାନ୍ତି ପୁହାଣ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

## ଚିତ୍ରଡ଼ା ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଚିତ୍ରଡା,୧୩।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ସଦର ମହକୁମା ଚିତ୍ରଡା ମହାବିଦ୍ୟାଳୟରେ ଚାଲିଥିବା ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ନରେନ୍ଦ୍ର ଦାସଙ୍କ ସଭପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ-ଗଣଶିକ୍ଷା ଓ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମୁଖ୍ୟବକ୍ତା ଭାବେ ମୋରଡା ବିଧାୟକ ରାଜକିଶୋର ଦାସ, ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ 'ନୂଆ-ଓ'ର ଜିଲ୍ଲା ସଂଯୋଜକ ସୁନୀଲ ଦାସ, ମୋରଡା ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ, ପରିଚାଳନା କମିଟି ସଭାପତି ବରେନ୍ଦ୍ର ଦାସ, ଆଲୁମିନି କମିଟି ସଦସ୍ୟ ଅରବିନ୍ଦ ଦାସ, ବିଷ୍ଣୁପ୍ରିୟା ଦାସ, ହଳଦୀପାଳ ସରପଞ୍ଚ ମାଳତୀ ମାର୍ଣ୍ଡି, ସମିତି ସଭ୍ୟ ତନୟ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ବହୁ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ବିଦ୍ଧିରାମ ସିଂ ଅତିଥି ପରିଚୟ ଓ ପ୍ରାଧ୍ୟାପକ ବିଶ୍ୱଜିତ ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଚତୁର୍ଥ ପର୍ଯ୍ୟାୟ ରୂପାନ୍ତରଣ

# ବଦଳିଲା ୪୫ ହାଇସ୍କୁଲର ରୂପରେଖ

**କେନ୍ଦୁଝର,୧୩।୧ (ସମିସ)**





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚତୁର୍ଥ ପର୍ଯ୍ୟାୟରେ କେନ୍ଦୁଝର ଜିଲ୍ଲାର ୪୫ଟି ରୂପାନ୍ତରିତ ହାଇସ୍କୁଲ୍‌କୁ ଲୋକାର୍ପଣ କରିଛନ୍ତି। ଶନିବାର ଆଭାସୀ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ '୫-ଟି' ଅଧ୍ୟକ୍ଷ ତଥା ନବୀନ ଓଡିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାଜ୍ୟସ୍ତରୀୟ ଲୋକାର୍ପଣ ସମାରୋହରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

ଏହି ରୂପାନ୍ତରଣ ପରେ ଜିଲ୍ଲାରେ ରୂପାନ୍ତରିତ ହାଇସ୍କୁଲ ସଂଖ୍ୟା ୩୪୭ରେ ପହଞ୍ଚିଛି। କେନ୍ଦୁଝର ଜିଲ୍ଲାସ୍ତରରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ତତ୍ତ୍ୱାବଧାନରେ ଓ ଅଧ୍ୟକ୍ଷତାରେ ମନୋଜ ମଞ୍ଜରୀ ଶିଶୁ ଭବନ ହାଇସ୍କୁଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, କେନ୍ଦୁଝର ଲୋକସଭା ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରି ସ୍କୁଲ୍ ରୂପାନ୍ତର କାର୍ଯ୍ୟକ୍ରମ ଉଚ୍ଚ ପ୍ରଶଂସା କରିବା ସହିତ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ମନୋଜ ମଞ୍ଜରୀ ଶିଶୁ ଭବନ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ସୁଦୀପ୍ତା ନନ୍ଦ ସ୍କୁଲ୍ ରୂପାନ୍ତରଣ ପରେ ନିଜର ଅନୁଭବ ଓ ଉପଲବ୍ଧି ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। '୫-ଟି' ଅଧ୍ୟକ୍ଷ ସୁଦୀପ୍ତାଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ ଭବିଷ୍ୟତରେ କ'ଣ ହେବା ପାଇଁ ଚାହାଁନ୍ତି ବୋଲି ପଚାରି ବୁଝିଥିଲେ। ଏହି ରୂପାନ୍ତରଣ ସ୍କୁଲ ମଧ୍ୟରେ ଆନନ୍ଦପୁରର ବାଇଁଶଗଡ ହାଇସ୍କୁଲ, ପଞ୍ଚାୟତ ହାଇସ୍କୁଲ ପଣସଡିହା, ଯୁବଜ୍ୟାତି ହାଇସ୍କୁଲ ପୁରୁଣି, ପଞ୍ଚାୟତ ଗାର୍ଲସ୍ ହାଇସ୍କୁଲ ତରତରା, ଚମ୍ପୁଆ ବ୍ଲକର ମା' ଅନ୍ଧାରୀ ହାଇସ୍କୁଲ ବଳା, ସିଘାସନପାଟ ହାଇସ୍କୁଲ ଚରୁଆଁଗୋଡା, କପିରେଶ୍ୱର ହାଇସ୍କୁଲ ନନ୍ଦପୁର, ଏନଟିଆର ବିଦ୍ୟାପୀଠ ଟାଙ୍ଗରବନ୍ତଳା, ରାଧାମାଧବ ହାଇସ୍କୁଲ ନିଉଣ୍ଟି, ଜାଳି ହାଇସ୍କୁଲ ଜାଳି, ହାଟଡିହି ବ୍ଲକର ମୁଗପୁର ବାଳିକା ହାଇସ୍କୁଲ, ହାବେଳେଶ୍ୱର ହାଇସ୍କୁଲ ହାବେଳେଶ୍ୱର, ପଞ୍ଚାୟତ ହାଇସ୍କୁଲ ସାସଙ୍ଗ, ସୁବର୍ଣ୍ଣେଶ୍ୱର ହାଇସ୍କୁଲ ସୁଲଣ, ହରିଚନ୍ଦନପୁର ବ୍ଲକର ଆଞ୍ଚଳିକ ହାଇସ୍କୁଲ ତଳଡିହି, ଜିପି ହାଇସ୍କୁଲ ଟାଙ୍ଗିରିଆପାଳ, ପଞ୍ଚାୟତ ହାଇସ୍କୁଲ ସଗଡପଟା, ପାଟଣା ବ୍ଲକର ଝଲମଣି ହାଇସ୍କୁଲ ଡେଣୁଆ, ପିଏମ୍‌ବି ବିଦ୍ୟାପୀଠ ବଲାଣିପଶି, ପଲାଣଘାଟି ହାଇସକୁଲ ପଲାଣଘାଟି, ଦିଣ୍ଡାପାଟ ହାଇସ୍କୁଲ ଭୁଲୁଦା, ମା' ମଙ୍ଗଳା ହାଇସ୍କୁଲ ଭାଟୁଣିଆ, କେନ୍ଦୁଝରର ଏମ୍‌ଏମ ଶିଶୁଭବନ ହାଇସ୍କୁଲ, ସାହାରପଡାର ବେଗନା ହାଇସ୍କୁଲ, ତେଲକୋଇର ଆକୁଳ ହାଇସ୍କୁଲ, ବିଜେଏନ ହାଇସ୍କୁଲ ନୂଆଗାଁ, ଚତୁର୍ଭୁଜ ହାଇସ୍କୁଲ ବିମଳା, ଏସକେପି ହାଇସ୍କୁଲ ସିନ୍ଦୁରିଆ, ବାଂଶପାଳ ବ୍ଲକର ମହାଲକ୍ଷ୍ମୀ ବିଦ୍ୟାପୀଠ ନୟାକୋଟ, ଗୁପ୍ତେଶ୍ୱର ହାଇସ୍କୁଲ ବରଗୋଡା, ମା'ପାଟେଶ୍ୱରୀ ହାଇସ୍କୁଲ ଟଣ, ବିପ୍ଳବୀ ରତ୍ନାକର ହାଇସ୍କୁଲ କାଞ୍ଜିପାଣି, ବିଶେଶ୍ୱର ହାଇସ୍କୁଲ ବାୟାକୁମୁଟିଆ, ଝୁମ୍ପୁରା ବ୍ଲକର ରାମକୃଷ୍ଣ ହାଇସ୍କୁଲ ଖେଣ୍ଡରା ଏବଂ ଏକାମ୍ର ହାଇସ୍କୁଲ କାଶପାଳ ଅନ୍ୟତମ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଗୌରୀରାଣୀ ନାଏକ, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଡା. ମଧୁସ୍ମିତା ସାମନ୍ତରାୟ, ସମଗ୍ର ଶିକ୍ଷାର ଡିଷ୍ଟ୍ରିକ୍ଟ ଟାଇବାଲ୍ କୋଅର୍ଡିନେଟର ଦୁର୍ଗା ପ୍ରସାଦ ଲାୟକ, ଡିଏମ୍‌ଏଫ୍‌ର କର୍ମକର୍ତ୍ତା, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ।

## ସାମିଲ ହେଲା ମୁଗୁପୁର ବାଳିକା ହାଇସ୍କୁଲ



**ଛେନାପଦି:** ହାଟଡ଼ିହି ଶିକ୍ଷାମଣ୍ଡଳ ଅଧୀନ ପଞ୍ଚୁଗୋଛିଆ ପଞ୍ଚାୟତ ମୁଗୁପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ '୫-ଟି' ଉପକ୍ରମରେ ରୂପାନ୍ତରଣ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ହାଟଡ଼ିହି ବ୍ଲକ ଜିଲ୍ଲାପରିଷଦ ସଭ୍ୟା କୌଶଲ୍ୟା ସେଠୀ, ସମ୍ମାନିତ ଅତିଥିଭାବେ ପଞ୍ଚୁଗୋଛିଆ ସରପଞ୍ଚ ଦୀନେଶ କୁମାର ସେଠୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ହଳଧର ପଣ୍ଡା, ଏବିଇଓ ପ୍ରମୋଦ କୁମାର ନାୟକ, ବ୍ଲକର ସହକାରୀ ଯନ୍ତ୍ରୀ ଜ୍ଞାନେନ୍ଦ୍ର ଜେନା, କନିଷ୍ଠ ଯନ୍ତ୍ରୀ ସଂଯୁକ୍ତା ବେହୁରିଆ, ପ୍ରଫୁଲ୍ଲ ବେହେରା ମଞ୍ଚ ଅଳଙ୍କୃତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଏଥିରେ ବିଦ୍ୟାଳୟର ଅନ୍ୟକର୍ମଚାରୀ ଓ ପଞ୍ଚାୟତର ଉଦୀୟମାନ ଯୁବଗୋଷ୍ଠୀ ଏଥିରେ ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ଧନ୍ୟବାଦ୍ ଅର୍ପଣ କରି ସଭାସଙ୍ଗ କରିଥିଲେ।

## ନୃତ୍ୟଗୀତରେ ଝୁମିଲେ ଛାତ୍ରଛାତ୍ରୀ



**ଘସିପୁରା:** ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ବଡପଦନା ସ୍ଥିତ ଖଣ୍ଡୁରୀମାତା ଉଚ୍ଚବିଦ୍ୟାଳୟକୁ '୫-ଟି'ରେ ସାମିଲ କରାଯାଇ ସ୍ମାର୍ଟ ସ୍କୁଲରେ ପରିଣତ କରାଯାଇଛି। ଉଦଘାଟନୀ ସମାରୋହରେ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ବିଡିଓ ମାନସରଞ୍ଜନ ସାମଲ, ବ୍ଲକ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀପ୍ରିୟା ଜେନା, କନିଷ୍ଠ ଯନ୍ତ୍ରୀ ସୌମ୍ୟାଶ୍ରୀ ସାମଲ, ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ରାମଚନ୍ଦ୍ରପୁର ସରପଞ୍ଚ ପ୍ରଦିପ ସାହୁ, ସମିତିସଭ୍ୟ ମନ୍ମଥ ସାହୁ, ସିଆରସି ହିମାଂଶୁଭୂଷଣ ଜେନା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ମମତା ମଞ୍ଜରୀ ଜେନାଙ୍କ ସଂଯୋଜନାରେ ଶିକ୍ଷକ କଳ୍ପତରୁ ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗାଁର ମୁରବୀ ଦାମୋଦର ସା, ସୁରେଶଚନ୍ଦ୍ର ମିଶ୍ର, ମହେଶ୍ୱର ସାହୁ, ପିତାମ୍ବର ନାଥ, ଗୋବିନ୍ଦଚନ୍ଦ୍ର ରାଉତ, ନିରାକାର ସାହୁ, ମଳୟକୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## କାଠକୁଲୁତା ହାଇସ୍କୁଲର ବାର୍ଷିକୋତ୍ସବ

ରାଇରଙ୍ଗପୁର,୧୩।୧(ସମିସ): ବହଳଦା ବ୍ଲକ ଅନ୍ତର୍ଗତ କାଠକୁଲୁତା ଅଲାଁଯୋଡି ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ସାମ୍ବତ୍ସରିକ କ୍ରୀଡା, ଜାତୀୟ ଯୁବ ଦିବସ ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସିଜଲର ମହାନ୍ତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବହଳଦା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶୁଭଶ୍ରୀ ସିଂ, ମୁଖ୍ୟ ବକ୍ତା ରୂପେ ଶିକ୍ଷାବିତ୍ ଲଳିତ କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବେ ଜାରିତାଣ୍ଡି ହାଇସ୍କୁଲ ପ୍ରଧାନଶିକ୍ଷକ ରାଜକିଶୋର ମହାନ୍ତ, କୁଲଗୀ ହାଇସ୍କୁଲର ସହକାରୀ ଶିକ୍ଷକ ଓ ଓଷ୍ଟାର ଉପସଭାପତି ଜ୍ଞାନରଂଜନ ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦଶରଥ ମହାନ୍ତ, ସନ୍ତୋଷ କୁମାର ମହାନ୍ତ, କୁଲୁତା ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମାବତୀ ବେହେରା, ପରିଚାଳନା କମିଟି ସଦସ୍ୟମାନେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ଗୌରକିଶୋର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ବିବେକାନନ୍ଦଙ୍କର ଜୀବନାଦର୍ଶ ଉପରେ ଆଲୋକପାତ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଗ୍ରହଣ କରିବା ସହ କର୍ତ୍ତବ୍ୟ ପରାୟଣ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସିକନ୍ଦର ମହାନ୍ତ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ରାଜ କିଶୋର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଦୀପ ପ୍ରଧାନ, ସଞ୍ଜୟ କୁମାର ମହାନ୍ତ, ତିଲୋତ୍ତମା ମହାନ୍ତ, ବିଦ୍ୟାଳୟର ପିଅନ ବିଘ୍ନେଶ୍ୱର ମହାନ୍ତ ଓ ମକେଶ୍ୱରୀ ମହାନ୍ତ ମଞ୍ଚ ପରିଚାଳନା ଓ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଯୁବ ଦିବସ ପାଳିତ

**ଘସିପୁରା,୧୩।୧(ସମିସ):** ଆସ୍ୱାୟାର ପକ୍ଷରୁ ସାଇଁକୁଳ ଠାରେ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇ ଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ବାନରସେନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଧୁସୂଦନ ପରିଡା ଯୋଗ ଦେଇଥିଲେ। ମଞ୍ଚ ପରିଚାଳନାରେ ସିଏଫ୍ ଗୌତମ ଓଝା ଓ ଜିପିସିଏମ ମନୋଜ ପରିଡା କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ଅତିଥି ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଆସ୍ୱାୟାର ଏଲଏଫ ସ୍ୱରୂପ ସାମଲ, ମହେଶ ଜେନା, ମନୋରଞ୍ଜନ ସାହା, ତପସ୍ୱୀ ସାହୁ, ନନ୍ଦିତା ମଲ୍ଲୀକ, ତପନ ବାରିକ୍, ଚନ୍ଦ୍ରକାନ୍ତ ଯେନା, ଶୁଭଦାୟିନୀ ମିଶ୍ର, ଜଗନ୍ନାଥ ପରିଡା, ବିଷ୍ଣୁ ପ୍ରିୟା ମିଶ୍ର, ଧରିତ୍ରୀ ପାତ୍ର, ଅମୂଲ୍ୟ ଖିଲାର ସୂଚାରୁ ରୂପେ ପରିଚାଳନା କରିଥିଲେ।

## କସ୍ତୁରବା ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁଆମରା,୧୩।୧(ସମିସ):** ଗୋପବନ୍ଧୁ ନଗର ବ୍ଲକ ସାଇଁକୁଲା କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ସାମନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଦ୍ୟାଳୟର ପୂର୍ବତନ ସଂପାଦକ ଶୋଭାକର ନାୟକ, ମୁଖ୍ୟବକ୍ତା ଜୟପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବବ୍ରତ ବାରିକ, ସମ୍ମାନିତ ଅତିଥି ଶିକ୍ଷାବିତ ସନାତନ ଜେନା, ପୂର୍ବତନ ସରପଞ୍ଚ ରବିନ୍ଦ୍ର ନାଥ ମିଶ୍ର, ଅବସରପ୍ରାପ୍ତ ଅଧ୍ୟାପକ କରୁଣାକର ମହାପାତ୍ର, ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହଲା, ଓଷ୍ଟା ସଂଘର ବ୍ଲକ ସଂପାଦକ ମନୋରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇ ଜ୍ଞାନର ଭୋକ ଥିଲେ ଲକ୍ଷ୍ୟ ହାସଲ ସହଜ ହୋଇଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡାର ଚମ୍ପିଆନ ନବମ ଶ୍ରେଣୀର ଛାତ୍ରୀ ସୁକାନ୍ତୀ ସିଂଙ୍କ ସମେତ ୪୫ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବଳଭଦ୍ର ବେହେରା ଅତିଥି ପରିଚୟ ଓ ଦିଲ୍ଲୀପ କୁମାର ସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ନନ୍ଦିନୀ ପରିଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଗ୍ରାମ ମୁଖିଆଙ୍କ ପରଲୋକରେ ଶୋକ

**ଜାମଦା,୧୩।୧(ସମିସ):** ଜାମଦା ବ୍ଲକ ଅନ୍ତର୍ଗତ ବେଲପୋଷି ଗ୍ରାମ ମୁଖିଆ ଭୀମସେନ ମୁର୍ମୁଙ୍କ ୪୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ କିଡନୀ ରୋଗରେ ଆକ୍ରାନ୍ତ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

### ବାଲେଶ୍ୱର ଜିଲ୍ଲା ମହୋତ୍ସବ କୋଶମ୍ବ-୨୦୨୪ ର ତୃତୀୟ ସନ୍ଧ୍ୟା

# ମହିଳା ସଶକ୍ତିକରଣ ଦ୍ୱାରା ବିକଶିତ ହୋଇପାରିଛି ଆଜିର ସମାଜ





**ବାଲେଶ୍ୱର,୧୩।୧(ସମିସ)**

ଆଜିର ସମାଜରେ ମହିଳା ଆଉ ଚାରି କାନ୍ଥ ଭିତରେ ଆବଦ୍ଧ ହୋଇ ରହିନାହାନ୍ତି। ସମାଜର ଉନ୍ନତି, ରାଜ୍ୟର ପ୍ରଗତି ଓ ଦେଶର ବିକାଶରେ ମହିଳାଙ୍କ ଭୂମିକା ଅଧିକ ପରିଲକ୍ଷିତ ହେଉଛି। ଆଗରୁ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ନାରୀ ଆଜି ନିଜେ ଆତ୍ମନିର୍ଭରଶୀଳ ହେଉଛି। ପାରିବାରିକ ଦାୟିତ୍ୱ ଏବଂ କର୍ମକ୍ଷେତ୍ର ଦୁଇଟି ମଧ୍ୟରେ ତାଳମେଳ ରକ୍ଷା କରି ଆଗକୁ ବଢିବାକୁ ପ୍ରୟାସ କରୁଛନ୍ତି ମହିଳାମାନେ। ଏହି କ୍ରମରେ କୋଶମ୍ବ-୨୦୨୪ ଜିଲ୍ଲା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଯୋଗ ଦେଇ ମହିଳା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ପୌରଧ୍ୟକ୍ଷା ସବିତା ସାହୁ, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନିତା ବେହେରା, ବସ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଞ୍ଜଳି ଦାସ, ସୋରୋ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନସୂୟା ମଲ୍ଲିକ, ଖଇରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ନୀଳଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଓ ନୀଳଗିରି ଏନଏସି ଅଧ୍ୟକ୍ଷା ଅମ୍ବିକା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟପଟେ ମହୋତ୍ସବରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୩୪୫୯ ଜଣ ଯୁବକଯୁବତୀ ପଞ୍ଜୀକୃତ କରିଥିଲେ ଯେଉଁଥିରୁ ୪୬୧ ଜଣଙ୍କୁ ନିଯୁକ୍ତି ପତ୍ରପ୍ରଦାନ କରିଥିଲେ ବିଭିନ୍ନ କମ୍ପାନୀ। ଏହାସହ ୨୨୩୦ ଜଣଙ୍କୁ ପରବର୍ତ୍ତୀ ସାକ୍ଷାତକାର ପାଇଁ ସର୍ଟ ଲିଷ୍ଟ କରାଯାଇଛି। ଏଥିରେ ତାଲିମ ପ୍ରଦାନକାରୀ ସଂସ୍ଥା ମଧ୍ୟ ଯୋଗଦେଇଥିଲେ। କେବଳ ଏତିକି ନୁହେଁ ୧୪୪ ଜଣ ଯୁବକ ଯୁବତୀଙ୍କୁ ଅଗ୍ନିବୀର ପାଇଁ ଆବଶ୍ୟକୀୟ ସୂଚନା ଓ ପରାମର୍ଶ ଦିଆଯାଇଥିଲା। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଓ ପୌରଧ୍ୟକ୍ଷା ସବିତା ସାହୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଦର୍ଶକଙ୍କ ମନ ମୋହିଥିଲା ଆୟୋଜିତ ମନୋରଞ୍ଜନ କାର୍ଯ୍ୟକ୍ରମ। ଜିଲ୍ଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ ଜାତୀୟ ସ୍ତରରେ ଖ୍ୟାତିଲାଭ କରିଥିବା କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଯାଦୁଗରୀ କଣ୍ଠରେ ବିମୋହିତ ହୋଇଥିଲେ ଦର୍ଶକ। ଏହାସହ ଜିଲ୍ଲାର ଲୋକକଳା, ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧରେ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା।

## ନୂଆ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା




କୁଆମରା,୧୩।୧(ସମିସ): ଗୋପବନ୍ଧୁ ନଗର ବ୍ଲକ୍ କୁଆମରା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଏବଂ ଜଗନ୍ନାଥ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅଧ୍ୟକ୍ଷ ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷାକୁ ସୁଦୃଢ଼ କରିବା ଓ ଭାଷାର ପ୍ରଚାର ପ୍ରସାର କରିବା ନିମନ୍ତେ ସୃଷ୍ଟି କର୍ତ୍ତା ଜଗନ୍ନାଥଙ୍କ ପ୍ରତି ଓଡ଼ିଆଙ୍କ ଭଲପାଇବା, ସଂସ୍କୃତି ସମ୍ପର୍କରେ ଅବଗତ ହେବା ପାଇଁ ଏହି ଆଲୋଚନାଚକ୍ର ଜାରି ରହିଛି। ଉକ୍ତ କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଅଧ୍ୟାପକ ବିଜୟ କୁମାର ବାରିକ, ସହନୋଡାଲ ଅଫିସର ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା, ଗଣେଶ ଜେନା ଓ ପ୍ରଦର୍ଶକ ସୁଧାକର ଶତପଥୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବାରେ ପ୍ରାଧ୍ୟାପକ ବସନ୍ତ କୁମାର ସାହୁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଡ଼.ଶିଶିର କୁମାର ପୁଷ୍ଟି, ଅଶୋକ କୁମାର ରାମ, ରତ୍ନାକର ମିଶ୍ର, ସଞ୍ଜୟ ପ୍ରଧାନ, ଗଜେନ୍ଦ୍ର ନାଥ ନାଏକ ପ୍ରମୁଖ ସହଯୋଗ କରିଥିଲେ।

